**ସଂକ୍ଷେପରେ**

## ୨୮ରୁ ଦଧିବାମନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାୟଗଡ଼ା,୨୬।୨(ସ୍ୱ.ପ୍ର.)-ରାୟଗଡ଼ାସ୍ଥିତ କସ୍ତୁରୀ ନଗର ୧୦ମ ଗଳିରେ ନିର୍ମିତ ନୂତନ ମନ୍ଦିରକୁ ଦଧିବାମନ ଜୀଉଙ୍କ ବିଗ୍ରହ ସ୍ଥାନାନ୍ତର କରାଯିବ । ଏଥିଲାଗି ଆସନ୍ତା ୨୮ତାରିଖ ଠାରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହେବ । ଏହି ଅବସରରେ ମନ୍ଦିରର ପାର୍ଶ୍ୱ ଦେବତାଙ୍କ ସମେତ ଗଣେଶ, ପତିତପାବନ ଓ ହନୁମାନଙ୍କ ନୂତନ ବିଗ୍ରହ ମଧ ପ୍ରତିଷ୍ଠା କରାଯିବ । ପୁରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ପ୍ରବଚକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମ୍ପାଦନା କରିବେ। ଏଥିସହିତ ମାର୍ଚ୍ଚ ୧ ଓ ୨ ତାରିଖ ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଆୟୋଜନ କରାଯିବ। ଏସମସ୍ତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଶ୍ରଦ୍ଧାଳୁ ଯୋଗ ଦେବା ପାଇଁ ମନ୍ଦିର କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ଝରିଗାଁ,୨୬।୨(ସ୍ୱ. ପ୍ର.)- ଭୋଜିଖାଇ ଘରକୁ ଫେରିବା ବେଳେ ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାର ବରାଗୁଡ଼ା ଛକ ନିକଟରେ ଏକ୍ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଗୁରୁତର ଓ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚନ୍ଦାହାଣ୍ଡି ଅଞ୍ଚଳର ଅଙ୍କିତ ଦଣ୍ଡସେନା, ଲିଙ୍ଗରାଜ ଗଣ୍ଡ ଏବଂ ଅଭି ମାଳି। ସ୍ଥାନୀୟ ଲୋକେ ୩ ଆହତଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅଙ୍କିତଙ୍କ ମୁଣ୍ଡରେ ଆଘାତ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠଯାଇଥିବା ଡାକ୍ତର ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

ତେନ୍ତୁଳିଖୁଣ୍ଟି,୨୬।୨((ଡି.ଏନ୍.ଏ)- ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ସତସଙ୍ଗ ଶ୍ରୀମନ୍ଦିରରେ ରବିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଓ ଏହି



କେନ୍ଦ୍ରର ୨୮ତମ ବାର୍ଷିକ ଉଦବୋଧନ ସ୍ମାରକୀ ମହୋତ୍ସବ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ମାଙ୍ଗଳିକ ନହବତ, ଉଷା କୀର୍ତ୍ତନ, ପ୍ରାତଃ ବିନତି ସତ୍‌ଗ୍ରନ୍ଥ ପାଠ, ସଂଗୀତାଞ୍ଜଳି ପରେ ଠାକୁରଙ୍କ ଅନୁଗାମୀ ନଗର ପରିକ୍ରମା କରିଥିଲେ। ସତସଙ୍ଗ ଓ ସଦାଲୋଚନା, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତି ସଙ୍ଗୀତାଞ୍ଜଳି ଆଦି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପ୍ରଦୀପ କୁମାର ଖୁଣ୍ଟିଆ,ନବୀନ ନାୟକ,ପ୍ରବୀର ସାମଲ,ମୁଦୁଲି ସମେତ ଖାତିଗୁଡା ସତସଙ୍ଗ ଶ୍ରୀମନ୍ଦିର ର ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚଳାନାରେ ସହଯୋଗ କରିଥିଲେ। ମୁଖ୍ୟ ସତସଂଘ ପରିଚାଳକ ଡ଼. ଜଗତବନ୍ଧ ସାହୁ ମୁଖ୍ୟବକ୍ତା, କୈଳାଶ ଚନ୍ଦ୍ର ଦଳେଇ ଅନ୍ୟତମ। କାର୍ଯ୍ୟକ୍ରମକୁ ଇନ୍ଦ୍ରାବତୀ ସତସଂଘୀ ଗୁରୁଭାଇମାନଙ୍କ ସହଯୋଗରେ କରାଯାଇଥିଲା

# ରାୟଗଡ଼ା ପଣସର ଚାହିଦା ଅଧିକ, ଉଚିତ ଦର ମିଳୁନି

ରାୟଗଡ଼ା,୨୬।୨(ସ୍ୱ.ପ୍ର.)



ସପୁରି ଓ ସୀତାଫଳ ପରେ ଦେଶର ବିଭିନ୍ନ ପ୍ରାନ୍ତରେ ରାୟଗଡ଼ା ଜିଲା ପଣସର ଚାହିଦା ରହିଛି । ବିଶେଷକରି ବସନ୍ତ ଋତୁରେ କଞ୍ଚା ପଣସକୁ ମହାରାଷ୍ଟ୍ର, ଗୁଜରାଟ ଓ ମଧ୍ୟପ୍ରଦେଶର ବ୍ୟବସାୟୀମାନେ ଅପେକ୍ଷା କରିଥାଆନ୍ତି। ବର୍ତ୍ତମାନ ଜିଲାରେ କଞ୍ଚା ପଣସ ମିଳୁଥିବା ବେଳେ ପ୍ରତିଦିନ ଭ୍ୟାନ୍ ଓ ଟ୍ରକ୍‌ରେ ଉପରୋକ୍ତ ୩ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉଛି। ମାତ୍ରାଧିକ ପଣସ ଉତ୍ପାଦନ ପରେ ରାୟଗଡ଼ା ସହରରୁ ହୋଲ୍‌ସେଲ ବ୍ୟବସାୟୀମାନେ ଏହାକୁ ବାହାର ରାଜ୍ୟକୁ ପଠାଉଛନ୍ତି। ହେଲେ ଗ୍ରାମାଞ୍ଚଳର ପଣସ ସଂଗ୍ରହକାରୀ ଉଚିତ ମୂଲ୍ୟ ପାଉନାହାନ୍ତି। ସେମାନେ ୨ରୁ ୩କେଜି ଓଜନର କଞ୍ଚା ପଣସ କିଲୋ ପିଛା ମାତ୍ର ୫/୭ ଟଙ୍କା ଦରରେ ବିକ୍ରି କରୁଛନ୍ତି। ହୋଲ୍‌ସେଲ ବ୍ୟବସାୟୀ ୧୦ରୁ ୧୫ ଟଙ୍କାରେ ତାହା ରାଜ୍ୟ ବାହାରକୁ ପଠାଉଛନ୍ତି। ବାହାର ରାଜ୍ୟରେ କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ବିକ୍ରିହେଉଥିବା ଜଣାପଡ଼ିଛି ।

ଜିଲାର ରାମନାଗୁଡ଼ା, କଲ୍ୟାଣସିଂହପୁର, ବିଷମକଟକ, କୋଲନରା ଓ ରାୟଗଡ଼ା ବ୍ଲକର ପାହାଡ଼, ଜଙ୍ଗଲଭରା ଅଞ୍ଚଳରେ ବହୁ ସଂଖ୍ୟାରେ ପଣସ ଗଛ ରହିଛି । ବର୍ଷକୁ ବର୍ଷ ଏହାର ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ତେବେ ପାଚିଲା ଅପେକ୍ଷା କଞ୍ଚା ପଣସର ଅଧିକ ଚାହିଦା ରହିଥିବା ଯୋଗୁ ଏହାକୁ ଆଦିବାସୀମାନେ ସଂଗ୍ରହ କରି ସହରରେ ହୋଲ୍‌ସେଲ ବ୍ୟବସାୟୀଙ୍କୁ ପ୍ରଦାନ କରିଥାଆନ୍ତି। ହୋଲ୍‌ସେଲ ବ୍ୟବସାୟୀ ଉଚ୍ଚା ଦରରେ ବାହାରେ ବିକ୍ରି କରି ମୁନାଫା କମାଉଛନ୍ତି। ଏବେ ବି ସଂଗ୍ରହକାରୀ ଅବହେଳିତ। ପାହାଡ଼ିଆ ଅଞ୍ଚଳରୁ ସଂଗ୍ରହ ହେଉଥିବା ସାମଗ୍ରୀ ଉଚିତ ଦରରେ ବିକ୍ରି କରିବା ପାଇଁ ଜିଲାସ୍ତରରେ ଓର୍‌ମାସ ଥିବା ସତ୍ତ୍ୱେ ସେହି ବିଭାଗ ଚାଷୀଙ୍କ ପ୍ରତି ହତାଦର କରୁଥିବା ଅଭିଯୋଗ ହୋଇଛି । କିଭଳି ଚାଷୀ ଓ ସଂଗ୍ରହକାରୀ ଉଚିତ ଦର ପାଇବେ ସେଥିପ୍ରତି ଓର୍‌ମାସ ଧ୍ୟାନ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନିଜର କ୍ଷତି ଦର୍ଶାଇ ଓର୍‌ମାସ ଅଧିକାରୀ ପଣସ ସଂଗ୍ରହକାରୀଙ୍କ ସହ ଥରେ ମଧ ଆଲୋଚନା କରି ନ ଥିବା ସୂଚନା ମିଳିଛି। ଆଦିବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜଙ୍ଗଲଜାତ ଦ୍ରବ୍ୟ ପ୍ରମୁଖ ମାଧ୍ୟମ ପାଲଟିଥିବା ବେଳେ ପଣସ ସେଥିରୁ ଅନ୍ୟତମ। ବର୍ଷକୁ ଜିଲାରୁ ପ୍ରାୟ ୨୦ ହଜାର କୁଇଣ୍ଟାଲ କଞ୍ଚା ପଣସ ପଶ୍ଚିମ ଭାରତକୁ ପଠାଯାଉଥିବା ଏକ ଆକଳନରୁ ଜଣାପଡ଼ିଛି। କେବଳ ନିୟମଗିରି ପାହାଡ଼ରୁ ବାର୍ଷିକ ୯ରୁ ୧୦ ହଜାର କୁଇଣ୍ଟାଲ ପଣସ ଉତ୍ପାଦନ ହେଉଛି। ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ କଞ୍ଚା ପଣସ ମିଳୁଥିବା ବେଳେ ମାର୍ଚ୍ଚ ବେଳକୁ ପାଚିଲା ପଣସ ଉପଲବ୍ଧ ହୋଇଥାଏ । ଅପରପକ୍ଷରେ, ରାୟଗଡ଼ାର କଞ୍ଚା ପଣସକୁ ମହାରାଷ୍ଟ୍ର ଓ ଛତିଶଗଡ଼ରେ ଥିବା ଶୀତଳଭଣ୍ଡାରରେ ମହଜୁଦ ରଖି ବର୍ଷା ଋତୁ ପର୍ଯ୍ୟନ୍ତ ଏହାକୁ ବିକ୍ରି କରାଯାଉଛି। ହେଲେ ରାୟଗଡ଼ା ଜିଲାର କୌଣସି ସ୍ଥାନରେ ସଂଗ୍ରହକାରୀ କିଭଳି ସୁବିଧାରେ ବିକ୍ରି କରିବେ ଏବଂ ଭଲ ରୋଜଗାର ହେବ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ । ତେଣୁ ରାଜ୍ୟ ସରକାର କୃଷିଜାତ ଦ୍ରବ୍ୟକୁ ଅଧିକ ଗୁରୁତ୍ୱ ଦେଇ ପଣସକୁ ସେଥିରେ ସାମିଲ କରିବା ନିମନ୍ତେ ଦାବି ହୋଇଛି । ଓର୍‌ମାସ ଅଧିକାରୀ ମନୋଜ ପାତ୍ର କହିଛନ୍ତି, ବାହାର ରାଜ୍ୟର ବ୍ୟବସାୟୀ ପଣସ କିଲୋ ପିଛା ୨୨ରୁ ୨୩ଟଙ୍କା ମାଗୁଥିବା ବେଳେ ଲୋକାଲରେ ଏହାର ଦର କିଲୋ ପିଛା ୨୫ରୁ ୩୦ଟଙ୍କା ରହୁଛି । ଯାହାଫଳରେ ସଂସ୍ଥା ପକ୍ଷରୁ କୌଣସି ବ୍ୟବସାୟ ସୁବିଧା ଯୋଗାଇ ଦିଆଯାଇପାରୁନାହିଁ । ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ପଣସର ଉଚିତ ଦର ଧାର୍ଯ୍ୟ କରିବାକୁ ସଂଗ୍ରହକାରୀମାନେ ଦାବି କରିଛନ୍ତି ।

## ଅଖିଳ ଆଦିବାସୀ ଉନ୍ନୟନ ସମବାୟ ନିଗମର ନିର୍ଦ୍ଦେଶକ

ତେନ୍ତୁଳିଖୁଣ୍ଟି, ୨୬।୨(ଡି.ଏନ.ଏ)



ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ ସଭାପତି ଅଖିଳ ଭତ୍ରା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ସମିତି ଲିମିଟେଡର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ମୋଟ ୨୧ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୬ ଜଣ ନିର୍ଦ୍ୱନ୍ଦ୍ୱ ହୋଇଥିବା ବେଳେ ୫ଟି ପାଇଁ ନିର୍ବାଚନ ହୋଇଥିଲା। ସେଥିମଧ୍ୟରୁ ଅଖିଳ ଗୋଟିଏ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଲଢ଼ି ନିର୍ବାଚିତ ହୋଇଛନ୍ତି। ତାଙ୍କୁ ଜିଲା ବିଜେଡି ସଭାପତି ତଥା ଏମ୍‌ପି ରମେଶ ମାଝୀଙ୍କ ସମେତ ଅନ୍ୟମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ରାୟଗଡା ବିଜେଡି ଲିଗାଲ ଫ୍ରଣ୍ଟର ସଭାପତି ହେଲେ ବ୍ରଜ

ରାୟଗଡା ଅଫିସ,୨୬।୨

ରାୟଗଡା ଜିଲା ବିଜେଡି ଲିଗାଲ ଫ୍ରଣ୍ଟର ସଭାପତି ଭାବେ ବ୍ରଜ ସୁନ୍ଦର ନାୟକ ମନୋନୀତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ମନୋନୀତ କରିଥିବା ଜଣାପଡିଛି। ଜିଲାରେ କାର୍ଯ୍ୟରତ ସମସ୍ତ ଆଇନଜୀବୀମାନଙ୍କର ସାମୁହିକ ହିତ ସାଧନ ପାଇଁ ଆଇନ ଅନୁସାରେ ଚେଷ୍ଟା କରାଯିବ ବୋଲି ବ୍ରଜ କହିଛନ୍ତି ।

# ଆନ୍ଧ୍ର ଲୋକେ ହଡ଼ପ କରୁଛନ୍ତି ଆଦିବାସୀଙ୍କ ଜମି

ଗୁଣପୁର,୨୬।୨(ଡି.ଏନ.ଏ)

**ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ଆନ୍ଦୋଳନ ଚେତାବନୀ**

ଦକ୍ଷିଣ ଓଡିଶାରେ ଥିବା ଆଦିବାସୀଙ୍କ ଜମିକୁ ଆନ୍ଧ୍ର ପ୍ରଦେଶର ଲୋକଙ୍କ ଦ୍ୱାରା ହଡପ କରାଯାଉଥିବାରୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଉଦବେଗ ପ୍ରକାଶ କରିଛି। ପ୍ରଶାସନରେ ଦୁର୍ନୀତି ଚରମ ସୀମାରେ ପହଁଞ୍ଚିଛି । ପ୍ରଶାସନ ଉପରେ ରାଜନେତାଙ୍କ ନିୟନ୍ତ୍ରଣ ନାହିଁ। ଯାହା ଫଳରେ ସରକାରୀ ବାବୁ ମାନେ ଭ୍ରଷ୍ଟାଚାର କରି ଚାଲିଛନ୍ତି। ଏ ସବୁକୁ ନେଇ ଆସନ୍ତା ଏପ୍ରିଲରୁ ଜନ ଆନ୍ଦୋଳନ କରାଯିବ ବୋଲି ସଂଗଠନର ରାଜ୍ୟ ଆବାହକ ସୁବ୍ରତ କୁମାର ନନ୍ଦ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନିରେ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଶହଶହ ଏକର ଆଦିବାସୀଙ୍କ ଜମିକୁ ଆନ୍ଧ୍ରର ଦଲାଲମାନେ ହଡପ କରଛନ୍ତି। ସେମାନେ ପଟ୍ଟା ମଧ କରାଇ ନେଇଛନ୍ତି। ଏହାର ତଦନ୍ତ କରାଯାଇ ଆଦିବାସୀ ମାନଙ୍କୁ ସେମାନଙ୍କ ଜମି ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥଲା। ଖବରଦାତା ସମ୍ମିଳନୀରେ ରାଜ୍ୟ ସଂପାଦକ ଶ୍ୟାମ ସୁନ୍ଦର ପଣ୍ଡା,ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ପଣ୍ଡା, ଗୁଣପୁର ଶାଖାର ସଭାପତି ଲକ୍ଷ୍ମୀଚାନ୍ଦ ସାହୁ,ନବରଙ୍ଗପୁର ଶାଖାର ସଭାପତି ଈଶ୍ୱର ରାଓ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଅପରାହ୍ନରେ ନେତୃମଣ୍ଡଳୀ ରାମନାଗୁଡା ବ୍ଲକ ଗୋଗୁପାଡୁ ପଞ୍ଚାୟତ ଆନ୍ଧ୍ର ଓଡିଶା ସିମାନ୍ତ ଲାଉଗୁଡା ଅଞ୍ଚଳ ଗସ୍ତ କରି ଓଡିଶାର ୧୩୦ ଏକର ଜମି ଉପରେ ଆନ୍ଧ୍ରର ଲୋକମାନେ କବଜା କରି ରହିଥିବା ଅନୁଧ୍ୟାନ କରିଥିଲେ। ଯାହାକୁ ନେଇ ସଂଗଠନ ପକ୍ଷରୁ ଉପଦେବ ପ୍ରକାଶ ପାଇଥିଲା। ଏନେଇ ସଂଗଠନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସୋମବାର ଉପଜିଲାପାଳଙ୍କୁ ଦାବୀ ପ୍ରଦ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି ।




ବୈଠକରେ ଆଲୋଚନା ଚାଲିଛି ।

# ବଡି ବିଲ୍ଡିଂ, ଫିଟନେସ ପ୍ରତିଯୋଗିତାରେ ମହେଶ ସଫଳ

ମୁନିଗୁଡା,୨୬।୨(ଡି.ଏନ୍.ଏ.)

ବଡି ବିଲ୍ଡିଂ ଓ ଫିଟନେସ ପ୍ରତିଯୋଗିତାରେ ମୁନିଗୁଡାର ମହେଶ ନାରସୁ ପୁଣି ସଫଳତା ହାସଲ କରିଛନ୍ତି। ବାଲେଶ୍ୱର ଓ ଅନୁଗୋଳଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ସଫଳ ହୋଇଛନ୍ତି । ମହେଶ ବାଲେଶ୍ୱରଠାରେ ବାଘାଯତୀନ କ୍ଲାସିକ ଅଲ ଓଡିଶା ଓପେନ ବଡି ବିଲ୍ଡିଂ ଚାମ୍ପିୟନଶିପାରେ ଭାଗ ନେଇ ୭୦ କିଲୋ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଅନୁଗୋଳ କ୍ଲାସିକ ଅଲ ଓଡିଶା ଓପନ ବଡି ବିଲ୍ଡିଂ ଚାମ୍ପିୟନସଶିପରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହେଶ ଏହି ଦୁଇଟି ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ଭୁବନେଶ୍ୱରର ମହୁରା ସ୍ଥିତଏଫଜେଡ ୱେଲନେସ ଫିଟନେସ ଜିମରେ ଟ୍ରେନର ମନୋଜ କୁମାର ସ୍ୱାଇଁଙ୍କ ଠାରୁ ୧୫ ଦିନ ଧରି ଅଭ୍ୟାସ କରିଥିଲେ ବୋଲି କହିଛନ୍ତି। ଅନ୍ୟପଟେ ମହେଶ ମୁନିଗୁଡା ଫିଟନେସ ଜୋନର ସଦସ୍ୟ ଥିବା ବେଳେ କୋଚ ଭାବେ ଫୋରଚୁନ ନାୟକଙ୍କ ଠାରୁ ଅଭ୍ୟାସ କରୁଛନ୍ତି । ଉପରୋକ୍ତ ୨ ପ୍ରତିଯୋଗିତାରେ ସଫଳତା ହାସଲ ପରେ ତାଙ୍କୁ ମୁନିଗୁଡାରେ ବଡି ବିଲଡିଂ ଓ ଫିଟନେସ ଆସୋସିଏସନ ସଭାପତି ରତନଲାଲ ଜୈନ,ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଗୌଡ଼, ସାମ୍ବାଦିକ ନନ୍ଦ କିଶୋର ପଟ୍ଟନାୟକ, ଉପ ସଭାପତି ଉଗ୍ରସେନ ହିଆଲ, ସମ୍ପାଦକ ପାର୍ଥସାରଥୀ ଗୌଡ଼,ସହ ସମ୍ପାଦକ ଜିତେନ୍ଦ୍ର ଦାସ,କୈଳାଶ ଗୌଡ଼ ଓ କୋଷାଧକ୍ଷ ରମାକାନ୍ତ ମାଝୀ, କାର୍ତ୍ତିକେଶ୍ୱର ଗୌଡ଼ ଓ କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ ପାଣିଗ୍ରାହୀ ଓ ସୁଶାନ୍ତ ପାଢ଼ୀ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।



ମହେଶ ନାରସୁଙ୍କୁ ପ୍ରମାଣପତ୍ର ଦିଆଯାଉଛି ।

## ପାଚିକା, ସହାୟିକାଙ୍କ ବୈଠକ

## ଦାବି ପୂରଣ ନ ହେଲେ ବିଧାନସଭା ଆଗରେ ଧାରଣା

ପଦ୍ମପୁର (ରାୟଗଡ଼ା)୨୬।୨ (ଡି.ଏନ୍.ଏ.)

ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ତରଫରୁ ପଦ୍ମପୁର ନିକଟ ଜଗମଣ୍ଡା ପାହାଡ଼ରେ ଏକ ସଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ଯୋଜନା ଭଳି ପାଇଲଟ ପ୍ରୋଜେକ୍ଟକୁ ସଫଳ କରିବା ପାଇଁ ପାଚିକା ସହାୟିକାମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଏପରିକି ସେମାନଙ୍କୁ ବିଦ୍ୟାଳୟର ଅନ୍ୟାନ୍ୟ କାମ କରିବା ପାଇଁ ବାଧ କରାଯାଉଛି । ତଥାପି ସ୍ଥାୟୀ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉନାହିଁ। ସେମାନଙ୍କୁ କାମରୁ ବାହାର କରିବା ପାଇଁ ବହୁ ଆଇନ ପ୍ରଣୟନ ହେଉଛି। ସରକାର ସଂଘର ବିଭିନ୍ନ ଦାବି ପୂରଣ ନ କଲେ ମାର୍ଚ୍ଚ ୧୩ ତାରିଖଠାରୁ ପାଚିକା ସହାୟକାମାନେ କାର୍ଯ୍ୟବନ୍ଦ କରି ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନ ସଭା ସମ୍ମୁଖରେ ଧାରଣା ଦେବା ପାଇଁ ରବିବାର ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଖବରଦାତା ସମ୍ମିଳନୀରେ ସଭାପତି ପାର୍ବତୀ ଶବର, ବୃନ୍ଦାବନ ବିଡିକା, ଜୟନ୍ତି ଶବର, କୁନ୍ତଳା ମାଝୀ, ଦୀପ୍ତି ବେବରିଆ, ଯାଜ୍ଞସେନୀ ପାଣିଗ୍ରାହୀ, ରିତା ମୂଳି, ଯଶୋଦା ଶବର, ରଶ୍ମିତା ଶବର ଓ ଅନ୍ୟାନ୍ୟ ଶ୍ରମିକ ଉପସ୍ଥିତ ଥିଲେ । ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଯୁକ୍ତି ଏବଂ ଅବସର କାଳୀନ ବୟସ ସୀମା ୬୨କୁ ବୃଦ୍ଧି କରିବା ସହିତ ୬୦ବର୍ଷ ପରେ ବାଦ ପଡିଥିବା ପାଚିକାଙ୍କୁ ଅବସର କାଳୀନ ଭତ୍ତାଦେବା ଆଦି ରହିଛି ।

# କାଶୀପୁର ବ୍ଲକ ଡ୍ରାଇଭର ମହାସଂଘର ବୈଠକ

ରାୟଗଡ଼ା ଅଫିସ,୨୬।୨

କାଶୀପୁର ବ୍ଲକ ଟିକିରିଠାରେ ବ୍ଲକ ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୦୦୦ ରୁ ଉର୍ଦ୍ଧ୍ୱ ଚାଳକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ ଓ ସମ୍ମାନିତ ଅତିଥି ଭାବେ ଦୋରାଗୁଡ଼ା ଭାରପ୍ରାପ୍ତ ଥାନାଧିକାରୀ ଦେବ ମଲ୍ଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସମସ୍ତ ପରିଚାଳନା ଦାୟିତ୍ୱ ସଂଘ ସଭାପତି ଯୋଗୀ ନାଏକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ କୃଷ୍ଣ ନାଏକ, ଅମର ଗୋପାଳ, ବିଘ୍ନେ ନାଏକ ସହଯୋଗ କରି ସୁରୁଖୁରୁରେ ସଂଯୋଜନା କରିଥିଲେ। ଡ୍ରାଇଭର ସଂଘର ସମସ୍ତ ସଦସ୍ୟ ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ଶପଥ ନେଇଥିଲେ । ଥାନାଧିକାରୀ ମଲ୍ଲିକ ନିଜ ବକ୍ତବ୍ୟରେ ଗାଡି ଚାଳକମାନେ ସମସ୍ତ ଟ୍ରାଫିକ ନିୟମ ମାନିବା ସହ ନିଶା ଦ୍ରବ୍ୟ ଠାରୁ ଦୂରେଇ ଗାଡ଼ି ଚଳାଇଲେ ସଡ଼କ ଦୁର୍ଘଟଣାକୁ ବହୁ ମାତ୍ରାରେ ରୋକା ଯାଇପାରିବ। କାଶୀପୁର ଡ୍ରାଇଭର ସଂଘ ପ୍ରତିଷ୍ଠା ଦିନରୁ ଦୁର୍ଘଟଣାଗ୍ରସ୍ତ ଏ ଦିଗରେ କାମ କରୁଛି। ଦୁର୍ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚି ଗୁରୁତରଙ୍କୁ ଡାକ୍ତରଖାନା ନେବା ଭଳି କାର୍ଯ୍ୟକରୁଛି। ଯଦ୍ୱାରା ଠିକ ସମୟରେ ବହୁ ଜୀବନ ବଞ୍ଚିପାଉଛି ବୋଲି ମୁଖ୍ୟଅତିଥି କଣ୍ଠ ମାଝୀ କହିଛନ୍ତି । ସୂଚନା ମୁତାବକ ଡ୍ରାଇଭର ସଂଘ ଏହି ଅଞ୍ଚଳରେ ଘଟିଥିବା ପ୍ରତ୍ୟେକ ଲୋକଙ୍କ ଅସୁବିଧା ସମୟରେ ଜଣେ ସଦସ୍ୟ ଆମ୍ବୁଲାନ୍ସ ଚାଳକ ପରୀକ୍ଷିତ ନାଏକ ସର୍ବଦା ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚର୍ ରେ ବୋହି ଅନ୍ୟ ଡାକ୍ତରଖାନା ପହଞ୍ଚିଥିବା ନେଇ ବିଭିନ୍ନ ସେଚ୍ଛାସେବୀ ସଙ୍ଗଠନ ଦ୍ୱାରା ସମ୍ମାନିତ ହୋଇଛି । ଆଗକୁ ସର୍ବଦା ଲୋକଙ୍କ ସେବାରେ ଡ୍ରାଇଭର ମହାସଂଘ ପ୍ରତ୍ୟେକ ସଦସ୍ୟ ନିଜକୁ ଉତ୍ସର୍ଗୀକୃତ କରିବେ ବୋଲି ସଭାପତି ନାଏକ କହିଛନ୍ତି ।



ଉପସ୍ଥିତ ଡ୍ରାଇଭର ସଂଘ କର୍ମକର୍ତ୍ତା ।

# କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ



ପରିଚୟ ପତ୍ର ପାଇଥିବା କିନ୍ନରମାନେ ।

ନବରଙ୍ଗପୁର,୨୬।୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଜିଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ଅନୁରୋଧକ୍ରମେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଦେଇଥିବା ପ୍ରତିଶ୍ରୁତିଅନୁଯାୟୀ କିନ୍ନରମାନେ ଶ୍ରମିକ ପରିଚୟ ପତ୍ର ପାଇଥିବାରୁ ଜିଲା କିନ୍ନର ସଂଘର ସମସ୍ତ ସଦସ୍ୟ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ରଞ୍ଜନ କିଶୋର ବେହେରା ପ୍ରମାଣପତ୍ର ପ୍ରଦାନ କରିଥିଲେ। କିନ୍ନର ସଂଘର କାର୍ଯ୍ୟନିର୍ବାହୀ ସଭ୍ୟ କୃଷ୍ଣ ପ୍ରସାଦ ରଥ ଉପସ୍ଥିତ ଥିଲେ ଏହି ମହତ କାର୍ଯ୍ୟରେ ସହଯୋଗ କରିଥିବାରୁ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଏ. ସୁରେଶ, ଅନ୍ୟତମ ସହାୟକ ଶିବ କେଶବ, ସୁରେଶ ମହାନ୍ତି ଏବଂ ଠିକାଦାର ଆଶିଷ କୁମାର ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସମନ୍ୱୟ ଅଧିକାରୀ ମୋହନ କୁମାର ସମେଶ ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦୁର୍ଗୀ,୨୬।୨(ଡି.ଏନ୍.ଏ.)

ଦୁର୍ଗୀ ଏମ୍‌ସିସି ପଡିଆରେ ରବିବାର ଜିଲାସ୍ତରୀୟ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଚେୟାର ମ୍ୟାନ ଯଶୋଦା ହୁଇକା, ଜିଲା ଯୁବ ବିଜେଡି ଉପସଭାପତି ଶିବା ଡ଼ିସେଠି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭରାବ ସ୍ଥାନୀୟ ସରପଞ୍ଚ ବିଜୟ କୁମାର କୁମୁରୁକା, ସମିତି ସଭ୍ୟା କବିତା ନିମାଲ, ସତ୍ୟ ନାରାୟଣ ରାଇସ ମିଲ ସିଓ ସତ୍ୟନାରାୟଣ କୈବର୍ତ୍ତ, ବରିଷ୍ଠ ବିଜେଡି ସଭାପତି ( ଡୁମୁନେଲି)ର ବା ମାଣିକେଶ୍ୱରୀ ରାଇସ ମିଲ ମାଲିକ କେ. ମୋହନ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ଦିନ ମୁକୁନ୍ଦପୁର ଟିମ୍ ଓ ଜିଯେସିସି, ମୁନିଗୁଡା ଟିମ୍ ମଧରେ ମ୍ୟାଚ ହୋଇଥିଲା। ମୁକୁନ୍ଦପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ମାଚରେ ୧୨୬ ରନ କରିଥିଲେ। ବ୍ୟକ୍ତିଗତ ଭାବେ ସୁନୀଲ କାଡ୍ରକା ୩୬ ବଲରେ ୫୩ ରନ ସଂଗ୍ରହ କରିଥିଲେ। ଜିଯେସିସି, ଟିମ ୧୩ ଓଭରରେ ୭୭ରନ ସଂଗ୍ରହ କରି ଅଲଆଉଟ ହୋଇଯିବାରୁ ମୁକୁନ୍ଦପୁର ବିଜୟ ହୋଇଛି। ମୁକୁନ୍ଦପୁରର ବିଶ୍ୱଜିତ ମୁନିଗୁଡା ବିପକ୍ଷରେ ୩ ଓଭର ପକାଇ ୫ଟି ଉଇକେଟ ସହ ବ୍ୟାଟିଂ କରି ୨୦ ରନ ସଂଗ୍ରହ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହେଇଥିଲେ ଆଜିର ଏହି ମ୍ୟାଚ କୁ ଲକ୍ଷ୍ମୀକାନ୍ତ ମାଦଳା ଓ ବୁନୁ ମହାପାତ୍ର ଅମ୍ପାୟାର କରିଥିଲେ ।



ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ ।

# ଜଙ୍ଗଲ ଜମି ପଟ୍ଟା, ଗିରିଜନ ମାନ୍ୟତା ଦାବି

ନବରଙ୍ଗପୁର୨୬।୨(ବି.ପ୍ର.)

**ଯାଦବ ସମାଜର ଅଧିକାର ସମାବେଶ**

ନବରଙ୍ଗପୁର ଜିଲା ଯାଦବ ମହାସଭା ତରଫରୁ ରବିବାର ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚାମୁରିଆଗୁଡା ଛକ ନିକଟରୁ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସର୍କିଟ ହାଉସ୍ ନିକଟ ପଡିଆଠାରେ ପହଞ୍ଚିଥିଲେ। ସେଠାରେ ଅଧିକାର ସମାବେଶ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାବେଶ ହେଇଥିଲା।

ସମାବେଶରେ ଯାଦବ ସମାଜ ପକ୍ଷରୁ ଅତିଥିମାନେ ୧୨ଟି ଦାବି ରଖିଥିଲେ। ସେଥିମଧ୍ୟରୁ ୩ଟି ମୁଖ୍ୟ ଦାବି ରହିଥିଲା। ସେଗୁଡିକ ହେଲା ଯାଦବ ସମାଜକୁ ପୂର୍ବଭଳି ଗିରିଜନ ମାନ୍ୟତା, ଛାତ୍ରୀ ଛାତ୍ରମାନଙ୍କୁ ଶିକ୍ଷା, ଗୋଚର ଜମି ସଂରକ୍ଷଣ। ଜିଲା ସଭାପତି ଜ୍ୟୋତି ରଞ୍ଜନ କଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ଦିଲୀର ଓବିସି କମିଶନ ତଥା ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଜଗଦୀଶ ଯାଦବ ଯୋଗ ଦେଇ, ଭାରତ ସ୍ୱାଧୀନତା ପାଇଁ ଯାଦବମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି କହିଥିଲେ। ଓଡ଼ିଶାରେ ଯାଦବ ମାନଙ୍କୁ ଜାଗୃତି କରିବାକୁ ପଡିବ, ଭୋଟର ମୂଲ୍ୟ କଣ ତାହା ଜାଣନ୍ତୁ । ଭୋଟ ବ୍ୟାଙ୍କ ଭାବେ ଯାଦବ ସମାଜକୁ ବ୍ୟବହାର କରୁଛନ୍ତି । ୧୯୩୧ ପରଠାରୁ ଜାତିଭିତ୍ତିକ ଗଣନା କରାଯାଇନାହିଁ। ଓବିସି ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତୀଙ୍କ ସଂଖ୍ୟା କେତେ ରହିଛି ତାହା ଜଣାପଡିବ। ବିକାଶ କ୍ଷେତ୍ରରେ ଯାହାର ଯେତେ ସଂଖ୍ୟା ତାହାର ସେତିକି ଭାଗ ରହିବ । ରାଜନୀତି, ଖଣି, ଶିକ୍ଷା, ଚାକିରୀ କ୍ଷେତ୍ରରେ ଯାଦବ ସମାଜର ଭାଗ ସମାନ ରହିବା ଆବଶ୍ୟକ। ଜିଲା ସଭାପତି ଜ୍ୟୋତିରଞ୍ଜନ କଂସ କହିଥିଲେ, ଯାଦବମାନଙ୍କୁ ସରକାର ଚାପି ରଖିଦେଇଥିଲେ । ଗିରିଜନ ମାନ୍ୟତାରୁ ଉଚ୍ଛେଦ କରିଥିଲେ। ସରକାର ପୁଣି ଯାଦବଙ୍କୁ ଗିରିଜନ ମାନ୍ୟତା ଦେଇ ସଂରକ୍ଷଣ ବ୍ୟବସ୍ଥା କରନ୍ତୁ ବୋଲି କହିଥିଲେ। ଜିଲା ଯାଦବ ସମାଜ କାର୍ଯ୍ୟକାରିଣୀ ସଭାପତି ଦେବଦାଶ ମହାକୁଡ ମଧ ଯାଦବଙ୍କୁ ଗିରିଜନ ମାନ୍ୟତା ସହ ଛାତ୍ରୀ ଛାତ୍ରଙ୍କୁ ହଷ୍ଟେଲରେ ରଖି ପାଠପଢ଼ା ସୁବିଧା ସୁଯୋଗ ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଦାବି କରିଥିଲେ । କାର୍ଯ୍ୟକ୍ରମରେ ଧରମଗଡ଼ ବିଧାୟକ ମହୌଷଧି ବାଗ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଦିଲ୍ଲୀର ଯାଦବ ମହାସଭା ସଭାପତି ନିତିନ ଯାଦବ, ନରେଶ ଯାଦବ, ହେମନ୍ତ ଯାଦବ, ବଲାଙ୍ଗିରର ମନୋଜ ଖାତି, କଳାହାଣ୍ଡିର ସଂକେତ ରଥେ, କୋରାପୁଟର ମଦନ ମୋହନ ନାୟକ, ରାୟଗଡା ର ନିତିନ ନାୟକ, ମାଲକାନଗିରିର ପରମେଶ୍ୱର ପତ୍ର, ଦୈତାରି ମାଝୀ ସମେତ ଜିଲାର ୧୦ ଗୋଟି ବ୍ଲକ ଓ ୨ଟି ପୋରାଞ୍ଚଳର ସଭାପତି, କର୍ମକର୍ତ୍ତା ଯୋଗ ଦେଇଥିଲେ ।



ଯାଦବ ମହାସଭାର କର୍ମକର୍ତ୍ତାମାନେ ।

## ସଂକ୍ଷେପରେ

### ଧରପଗଡ଼ ବେଳେ ଧରାପଡିଲେ ଗଞ୍ଜେଇଚାଲାଣକାରୀ

ସେମିଳିଗୁଡା,୨୬।୨(ସ୍ୱ.ପ୍ର.)- କୋରାପୁଟ ଜିଲା ଜୟପୁର ଅଞ୍ଚଳର ଶେଖ ମୁସ୍ତାକଙ୍କୁ ଆନ୍ଧ୍ର ପୋଲିସ ଗିରଫ କରିଛି। ସେ ନିକଟରେ ଜୟପୁରରୁ ସାଲୁର ଦେଇଯାଉଥିବା ବେଳେ ମାମିଡ଼ିପଲି ଛକଠାରେ ଆନ୍ଧ୍ର ପୋଲିସର ଧରପଗଡ ବେଳେ ଧରାପଡିଥିଲେ। ମୁସ୍ତାକଙ୍କଠାରୁ ୫କେଜି ଗଞ୍ଜେଇ ଜବତ ହୋଇଥିବା ସାଲୁର ଟାଉନଥାନା ସିଆଇ ଧନଞ୍ଜୟ ରାଓ କହିଛନ୍ତି।

### ଉତ୍ତରପ୍ରଦେଶ ଡ୍ରାଇଭର ଅପହରଣ ଘଟଣାରେ ପୁଣି ଜଣେ ଗିରଫ

କୋରାପୁଟ,୨୬।୨(ସ୍ୱ.ପ୍ର.)-ଗତ କିଛିଦିନ ତଳେ କୋରାପୁଟରେ ଘଟିଥିବା ଉତର ପ୍ରଦେଶ ଡ୍ରାଇଭର ଅପହରଣ ଘଟଣାରେ ଶନିବାର ଟାଉନଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ରେଳ ଷ୍ଟେଶନ ଅଞ୍ଚଳର ରବି ପାଙ୍ଗି। ଅପହରଣ ଘଟଣାରେ ବ୍ୟବହୃତ କାରକୁ ମଧ ଜବତ କରାଯାଇଛି। ଡ୍ରାଇଭର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। କେସ୍ ନଂ ୪୫/ ୨୩। ପୂର୍ବରୁ ଏହି ମାମଲରେ ୫ ଜଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

### ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ପାଳିତ



ଜୟପୁର,୨୬।୨ (ନି.ପ୍ର.)- ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ ତମ ଜନ୍ମ ଉତ୍ସବ ରବିବାର ଜୟପୁର ଡ଼ଙ୍ଗାଗୁଡାସ୍ଥିତ ସତସଙ୍ଗ ବିହାରରେ ପାଳିତ ହୋଇଛି। ସକାଳୁ ବେଦ ମାଙ୍ଗଳିକ କାର୍ଯ୍ୟକ୍ରମ ସହ ବିନୀତ ପ୍ରାର୍ଥନା ହୋଇଥିଲା। ପରେ ଠାକୁରଙ୍କୁ ଏକ ସୁସଜିତ ରଥରେ ଜୟପୁର ସହର ପରିକ୍ରମା କରାଯାଇଥିଲା। ଶେଷରେ ସତସଙ୍ଗ ଅଧିବେଶନ ହୋଇଥିଲା। ରାୟଗଡା ଜେକେପୁରରୁ ଆସିଥିବା ବକ୍ତା ରାଜକିଶୋର ମିଶ୍ର ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବାଦର୍ଶ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ରତିକ କପିଳ ଚରଣ ମହାକୁଳ ସତସଙ୍ଗ ପରିଚାଳନା କରିଥିଲେ। ସତସଙ୍ଗ ବିହାର ସଭାପତି ବିନୋଦ ମହାପାତ୍ର, ରତିକି ଶିଶିର ପରିଜା, ଖଳି ପଟ୍ଟନାୟକ, ବିଦ୍ୟାଧର ବିଶ୍ୱାଳ, ଧରଣୀଧର ସାହୁ, ନୃସିଂହ ସାହୁ, ସୌମ୍ୟ ରଞ୍ଜନ ସାହୁ, ସତ୍ୟ ରଞ୍ଜନ ସାହୁ,ରବୀନ୍ଦ୍ର ମହାରଣା ଉପସ୍ଥିତ ଥିଲେ।

### ପଟା, ସାଇଜ କାଠ ଜବତ, ଯୁବକ କୋର୍ଟ ଚାଲାଣ

ବୈପାରୀଗୁଡା,୨୬।୨((ଡି.ଏନ୍.ଏ)- ବୈପାରୀଗୁଡା ବନାଞ୍ଚଳ ପକ୍ଷରୁ ରବିବାର ଜଣେ କାଠ ମାଫିଆଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କୋରାପୁଟ ଥାନା ଅନ୍ତର୍ଗତ କୁସୁମୁଡ଼ା ଗ୍ରାମର ରୁବେନ ଖରା। ତାଙ୍କ ନିକଟରୁ ଏକ କାର୍ ସହ ୧୯ ଖଣ୍ଡ ଶାଗୁଆନ୍ ପଟା ଓ ୨୫ଟି ସାଇଜ୍ ଶାଳକାଠ ଜବତ କରାଯାଇଛି। ଶନିବାର ପାଟ୍ରୋଲିଂ ବେଳେ ସ୍ଥାନୀୟ ଯୁକ୍ତ ୨ ବିଦ୍ୟାଳୟ ନିକଟରେ କାଠ ଜବତ ସହ ରୁବେନଙ୍କୁ କାବୁ କରାଯାଇଥିଲା। ଏ ନେଇ ନଂ ୪୮ରେ ମାମଲା ରୁଜୁ କରାଯାଇଛି।

### ୪୦ ୟୁନିଟ୍ ରକ୍ତ ସଂଗ୍ରହ



ଜୟପୁର, ୨୬।୨ (ନି.ପ୍ର.)- ଅଶ୍ରୁ ଜୟପୁର ୟୁନିଟ ତରଫରୁ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଶ୍ରମିକ ଭବନଠାରେ ଆୟୋଜିତ ଏହି ଶିବିରରୁ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଅନୁଷ୍ଠାନର ସଭାପତି ପ୍ରିନ୍ସ କେଲାଡି, ସମ୍ପାଦକ ଲକ୍ଷ୍ମଣ ମିଶ୍ର, ରଞ୍ଜନ ମିଶ୍ର, ସନ୍ତୋଷ ଦଳେଇ, ଏମ ଶ୍ରୀନିବାସ, ଝାଡେଶ୍ୱର ପଣ୍ଡା, ଦେବାଶିଷ ମିଶ୍ର, ସରୋଜ ମହାରଣା ପରିଚାଳନା କରିଥିଲେ। ପ୍ରମୋଦ ଖରା, ଅମ୍ଳାନ ଜ୍ୟୋତି. ଡାକ୍ତର ଅକ୍ଷୟ ସାହୁ ଓ କାର୍ତ୍ତିକ ରାଉତ ଉପସ୍ଥିତ ଥିଲେ।

# ଏସ୍ଏଚ୍ଜିଙ୍କୁ ଠକିଦେଲା ପ୍ରଶାସନ

ସେମିଳିଗୁଡା/ସୁନାବେଡା, ୨୬।୨(ସ୍ୱ.ପ୍ର.)



ଷ୍ଟ୍ରବେରି ଚାଷ ପାଇଁ ଜମି ସମତୁଲ କରାଯାଉଛି।

ଆନ୍ଧ୍ରପ୍ରଦେଶ ସରକାର, ଓଡିଶାର ସୀମାନ୍ତବର୍ତ୍ତୀ କୋଟିଆକୁ ନେଇ ବହୁ ବାଦ ବିବାଦ ପରେ ଓଡିଶା ସରକାର କୋଟିଆ ଅଞ୍ଚଳର ଆଦିବାସୀଙ୍କ ବିକାଶ ପାଇଁ କେତେକ ଯୋଜନା କରିଥିଲେ। ଏଠାକାର ଜଳବାୟୁ ଅନୁସାରେ ଉକ୍ତ ଅଞ୍ଚଳରେ ଷ୍ଟ୍ରବେରି ଚାଷ କରାଯାଇଥିଲା। କୃଷି ବିଭାଗର ଅଧିକାରୀମାନେ ଅଞ୍ଚଳ ପରିଦର୍ଶନ କରି ପ୍ରାୟ ୩ ଏକର ଜମି ଚିହ୍ନଟ କରିଥିଲେ। ଏଥିପାଇଁ କାଣ୍ଟି ପଞ୍ଚାୟତର ଉପରକାଣ୍ଟି ଉଙ୍ଗର ମାଳିକୁ ଏସଏଚଜି ମାଧମରେ ଜମି ସମତୁଲ ଓ ବେଡ଼ ବନାଇବାକୁ କହିଥିଲେ। ଗତ ଦୁଇ ମାସ ତଳେ ତତ୍କାଳୀନ ବିଡ଼ିଓ, ଆଇଟିଡ଼ିଏ, କୃଷି, ଉଦ୍ୟାନ, ଓଏଲଏମ ଓ ଏପିଓ ଅଧିକାରୀଙ୍କ ନିର୍ଦ୍ଦେଶମୁତାବକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଟ୍ରାକ୍ଟର ଓ କିଛି ଲୋକଙ୍କୁ ପାରିଶ୍ରମିକ ଦେଇ ଏସଏଚଜି ସଦସ୍ୟମାନେ ସବୁ କାମ କରିଥିଲେ। ମାତ୍ର ଏତେ ସବୁକାମ ପଇଁ ସମ୍ପୃକ୍ତ ଏସଏଚଜିକୁ ପ୍ରଶାସନ ପାରିଶ୍ରମିକ ଏବଂ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଦେଇ ନ ଥିବା ବୋଲି ଏସଏଚଜି ସଭାନେତ୍ରୀ ମାରିୟମ ସାଆନ୍ତା,ସମ୍ପାଦିକା ମାରତା ସାଆନ୍ତା କହିଛନ୍ତି। ପ୍ରଶାସନ ଆମକୁ ସ୍ୱାବଲମ୍ବୀ କରିବା ଆଳରେ ଠକିଦେଲା ବୋଲି ଉଭୟେ ପ୍ରକାଶ କରିଛନ୍ତି। କୋଟିଆ ଅଞ୍ଚଳର ଏସଏଚଜିକୁ ସ୍ୱାବଲମ୍ବୀ କରିବା ସହ ଆର୍ଥିକ ସ୍ୱଚ୍ଛଳ କରିବାକୁ ଜିଲା ପ୍ରଶାସନ ସହଯୋଗରେ ଆଇଟିଡ଼ିଏ ଷ୍ଟ୍ରବେରି ଚାଷ ପାଇଁ ଗତ ବର୍ଷ କୋଟିଆ ପଞ୍ଚାୟତ ଡୋଳିଆମ୍ବା ଗ୍ରାମକୁ ଚୟନ କରି ଷ୍ଟ୍ରବେରି ଚାଷ ଲାଗି ଉପକରଣ ଏବଂ ଚାରା ଯୋଗାଇ ଦେଇଥିଲା। ଚଳିତ ବର୍ଷ ସେହି କୋଟିଆ ଅଞ୍ଚଳର ଆଉ କିଛି ଗ୍ରାମକୁ ଷ୍ଟ୍ରବେରି ଚାଷ ପାଇଁ ଚିହ୍ନଟ କରାଯାଇ ପଟ୍ଟାଙ୍ଗି ବ୍ଲକର ନୂଆଗାଁ ପଞ୍ଚାୟତ ଓ ଗାଲିଗବଦରରେ ଚାଷ ମଧ ଆରମ୍ଭ ହୋଇଥିଲା। ଏସମ୍ପର୍କରେ କୋରାପୁଟ ଆଇଟିଡିଏ ଅଧିକାରୀ ଏସଏନ ମହାନ୍ତିଙ୍କୁ ପଚାରିବାରୁ ସେ ଉପରକାଣ୍ଟିରେ ଷ୍ଟ୍ରବେରି ଚାଷ ବିଷୟରେ ଜାଣି ନ ଥିବା କହି କୋଟିଆ ଅଞ୍ଚଳର କିଛି ଗ୍ରାମ ଏବଂ ପଟ୍ଟାଙ୍ଗି ବ୍ଲକ ନୂଆଗାଁର ଗାଲି ଗବଦର ତଦାରଖ ଦାୟିତ୍ୱରେ ଥିବା କହିଥିଲେ। ସେମିଳିଗୁଡା ବ୍ଲକ ବିଡ଼ିଓ ସବ୍ୟସାଚୀ ବେହେରାଙ୍କୁ ପଚାରିବା ଲାଗି ତାଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

## ‘ଖୁବ ଶୀଘ୍ର କୋରାପୁଟ ବାଇପାସ ରାସ୍ତା ନିର୍ମାଣ ହେବ’

କୋରାପୁଟ, ୨୬।୨(ସ୍ୱ.ପ୍ର.)

କୋରାପୁଟ ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି। ଏଥିଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ବାଇପାସ ରାସ୍ତା ନିର୍ମାଣ ନେଇ ପ୍ରସ୍ତାବ ଅନୁମୋଦିତ ହୋଇଥିବା ମୁଖ୍ୟ ଶାସନସଚିବ ସୁରେଶ ମହାପାତ୍ର କହିଛନ୍ତି। ଦୁଇଦିନିଆ କୋରାପୁଟ ଜିଲା ଗସ୍ତ ଅବସରରେ ସେ ଏହା ପ୍ରକାଶ କରି ଖୁବ ଶୀଘ୍ର ବାଇପାସ୍ ରାସ୍ତା କାର୍ଯ୍ୟ ଆରମ୍ଭ ହେବାସହ ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନସଚିବ ମହାପାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ କଲେକ୍ଟରେଟ୍ ପ୍ରଶାସନିକ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିଥିଲେ। ସେ କଫି ବୋର୍ଡ ପରିଦର୍ଶନ କରି ସେଠାରେ କଫିର ବିକାଶ ନେଇ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଶାବର ଶ୍ରୀକ୍ଷେତ୍ର ପରିଦର୍ଶନ କରି ମନ୍ଦିରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମୁଖ୍ୟ ଶାସନସଚିବ ତାଙ୍କ ପତ୍ନୀଙ୍କ ସହ କୋରାପୁଟ କଫି ପଏଣ୍ଟ ଯାଇ ସେଠାରେ କଫି ପିଇଥିଲେ। ଏହି ଅବସରରେ ଜିଲାପାଳ ଅବଦାଲ ଏମ. ଅଖତାର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ସେନାପତି, ସହକାରୀ ଯନ୍ତ୍ରୀ ଶରତ ପାତ୍ର, ଟିଡିସିସି ମ୍ୟାନେଜର ଶରତ ମଲ୍ଲିକ, ମାର୍କେଟିଂ ମ୍ୟାନେଜର ଆଶୁତୋଷ ନନ୍ଦ, ସହକାରୀ ଜିଲାପାଳ ମାଧବ ପାଙ୍ଗିଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ ବିଭାଗ ପୋଲେରୁ ନଦୀ ଉପରେ ତିଆରି କଲା ଭାସମାନ ପୋଲ

ମାଲକାନଗିର,୨୬।୨ (ଡି.ଏନ୍.ଏ.)

**ବଡଯାତ୍ରା**

ମାଲକାନଗିରି ଜିଲାର ପ୍ରସିଦ୍ଧ ବଡଯାତ୍ରା ପ୍ରତିଦୁଇ ବର୍ଷକୁ ଥରେ ହୋଇଥାଏ। ଚଳିତ ବର୍ଷ ଏହି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଆନ୍ଧ୍ରପ୍ରଦେଶର ପୋଲେରୁଠାରେ ପ୍ରଥମ ଯାତ୍ରା ଆରମ୍ଭ ହେବ। ଏହି ପ୍ରଥମ ଯାତ୍ରା ଦେଖିବାକୁ ମାଲକାନଗିରି ଜିଲା ସହ ପଡୋଶୀ ରାଜ୍ୟରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। ପ୍ରଥମ ଯାତ୍ରାରେ ତିନି ଠାକୁର କାନ୍ନାମରାଜୁ, ବାଲାରାଜୁ, ଓ ପୋତରାଜୁଙ୍କୁ ପୋଲେରୁ ନଦୀ ନିକଟକୁ ଆଣି ନୌକା ବିହାର, ଠାକୁରଙ୍କ ସ୍ନାନ ଆଦି କାର୍ଯ୍ୟକ୍ରମ ହୋଇଥାଏ। ଏହା ଦେଖିବା ଲାଗି ନଦୀ କୂଳରେ ପ୍ରବଳ ଭିଡ ହୋଇଥାଏ। ପ୍ରଥମ ଯାତ୍ରା ଦେଖିବାକୁ ପ୍ରତିବର୍ଷ ଏହି ନଦୀ ପାର ପାଇଁ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନଦୀରେ କେବଳ ୨/୩ଟି ଦେଶୀ ଡଙ୍ଗାରେ ଯାତାୟାତ କରିବାକୁ ହେଉଥିଲା। ଫଳରେ ଅନେକ ଶ୍ରଦ୍ଧାଳୁ ପ୍ରଥମ ଯାତ୍ରା ଦେଖିବାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ବନ ବିଭାଗ ଆନ୍ଧ୍ର–ଓଡ଼ିଶା ସୀମାନ୍ତ ପୋଲେରୁ ନଦୀ ଘାଟରେ ଏକ ଅସ୍ଥାୟୀ ଭାସମାନ ପୋଲ ନିର୍ମାଣ କରିଛି। ଫଳରେ ଚଳିତ ବର୍ଷ ତିନିଠାକୁରଙ୍କ ନୌକା ବିହାର, ସ୍ନାନ ଓ ପୋଲେରୁଠାରେ ପ୍ରଥମ ଯାତ୍ରାକୁ ଶ୍ରଦ୍ଧାଳୁମାନେ ସହଜରେ ଦେଖି ପାରିବେ।



ପୋଲେରୁ ନଦୀ ଘାଟରେ ବନ ବିଭାଗ ପକ୍ଷରୁ ନିର୍ମିତ ଭାସମାନ ପୋଲ।

## ଶୋରୁମ୍‌ରେ ଅଗ୍ନିକାଣ୍ଡ

### କୋଟିଏ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ

ମାଥିଲି,୨୬।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ସଦର ମହକୁମାରେ ଥିବା ଏକ ଏଣ୍ଟରପ୍ରାଇଜର୍ସରେ ଅଗ୍ନିକାଣ୍ଡ ଘଟି ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏଠାରେ ଥିବା ଭାରତ ଚନ୍ଦ୍ର ପଟ୍ଟନାୟକଙ୍କ ଏଣ୍ଟରପ୍ରାଇଜର୍ସରେ ବିଭିନ୍ନ ପ୍ରକାର ଘର ସାମଗ୍ରୀ ଗଦରେଜ ଆଲମିରା, ସୋଫା, ଗଦି ଡ୍ରେସିଂ ଟେବୁଲ ସହ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହୋଇଥାଏ। ଶନିବାର ରାତି ୮ଟାରେ ଭରତଙ୍କ ଭଣଜା ଶିବ ଶୋରୁମ ବନ୍ଦ କରି ଘରକୁ ଯାଇଥିଲେ। କିଛି ସମୟ ପରେ ହଠାତ ଶୋରୁମ ଭିତରୁ ନିଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ଭରତଙ୍କୁ ଫୋନ କରି ଜଣାଇଥିଲେ। ଏଥିସହ ଲୋକେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ତତ୍‌କ୍ଷଣାତ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ଖଇରପୁଟ ବ୍ଲକ ଦମକଳ ବାହିନୀ,ପୋଲିସ ଓ ସ୍ଥାନୀୟ ଯୁବକମାନେ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ଲାଗିଥିଲେ। ଦୀର୍ଘ ୪ ଘଣ୍ଟା ପରିଶ୍ରମ କରି ଦମକଳବାହିନୀ କର୍ମଚାରୀ ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଶୋରୁମରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ମାଥିଲି ଥାନା ଅଧିକାରୀ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଅଗ୍ନିକାଣ୍ଡ କିପରି ଘଟିଲା ସେନେଇ ତଦନ୍ତ ଚାଲିଥିବା କହିଥିଲେ। ତହସିଲଦାର ଚନ୍ଦନ ଭୋଇଙ୍କୁ ପଚାରିବାରୁ ସେ ଛୁଟିରେ ଥିବା ଏବଂ ଏବିଷୟରେ କୁଡୁମୁଲୁଗୁମ୍ମା ତହସିଲଦାର ବ୍ରଜ ବିହାରୀ ପ୍ରଧାନଙ୍କୁ ପଚାରିବା ଲାଗି ପରାମର୍ଶ ଦେଇଥିଲେ। ତହସିଲଦାର ପ୍ରଧାନଙ୍କୁ ପଚାରିବାରୁ ସେ ଏନେଇ ମାଥିଲି ଆରଆଇ ଅଜିତ ଖିଲଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ।

## ବାଇକ୍ ସହ ୩୩ କେଜି ଗଞ୍ଜେଇ ଜବତ

ଏମ୍‌ଭି ୭୯,୨୬।୨ (ଡି.ଏନ.ଏ.)



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି–୭୯ ପୋଲିସ ଏମ୍‌ଭି–୧୨୬ ଗ୍ରାମରୁ ୩୩ କେଜି ୬ଶହ ଗ୍ରାମ ଗଞ୍ଜେଇ ଶନିବାର ରାତିରେ ଜବତ କରିଛି। ଜାକାଲକୁଣ୍ଡି ଗ୍ରାମର ଏମ୍‌ଭି–୧୨୬ ରାସ୍ତାରେ ଏକ ବାଇକ୍ ରହିଥିଲା। ତେବେ ପୋଲିସକୁ ଦେଖି ବାଇକ୍ ଚାଳକ ଆଲାରକଟା ଗ୍ରାମର ପ୍ରଭାକର ପଲାଶି ଫେରିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସନ୍ଦେହରେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ପାଖରେ ଥିବା ଏକ ଧଳା ରଙ୍ଗର ପ୍ଲାଷ୍ଟିକ ଅଖା ବସ୍ତାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ତାଙ୍କୁ ଏ ସମ୍ପର୍କରେ ପଚରାଉଚରା କରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ପ୍ରଭାକର ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣ କରୁଥିବା ଥାନା ଅଧିକାରୀ ସୁନୀଲ ସୋରେନ କହିଛନ୍ତି। କେସ୍ ନଂ. ୨୭/୨୫।

## ଜୟପୁର ଶିକ୍ଷକ ଏକାଦଶ ବିଜୟୀ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜୟପୁର,୨୬।୨ (ନି.ପ୍ର.)

**ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ**

ଜୟପୁର ଶିକ୍ଷକ ସଂଘ ପକ୍ଷରୁ ଆମ୍ବାଗୁଡା ମିନି ଷ୍ଟାଡିୟମଠାରେ ଜୟପୁର ଶିକ୍ଷକ ଏକାଦଶ ଏବଂ ରାବଣାଗୁଡା ସି.ଏଚ.ସି ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ଶିକ୍ଷକ ଏକାଦଶ ଟସ୍ ଜିତି ପ୍ରଥମେ ବୋଲିଂର ନିଷ୍ପତ୍ତି ନେଇଥିଲା। ରାବନାଗୁଡ଼ା ସି.ଏଚ.ସି ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୧୩୧ ରନ କରିଥିଲା। ୧୩୨ ରନର ବିଜୟଲକ୍ଷ୍ୟନେଇ ମ୍ୟାଚ ଖେଳୁଥିବା ଜୟପୁର ଶିକ୍ଷକ ଏକାଦଶ ୧୪.୩ ଓଭରରେ ୧୩୨ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶିକ୍ଷକ ରମେଶ ନାୟକ ୪୨ ବଲରୁ ୫୫ ରନ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସମ୍ୟାନ ହୋଇଥିବା ବେଳେ ମନୋରଞ୍ଜନ ପଲାଇ ୧୩ ବଲରୁ ୩୩ ରନ ସଂଗ୍ରହ କରି ଏବଂ ୪ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ଜୟପୁର ବ୍ଲକ ଶିକ୍ଷକ ସଂଘ ସଭାପତି ଦେବୀପ୍ରସାଦ ଦାସ ଓ ସମ୍ପାଦକ ମହେଶ୍ୱର ମିଶ୍ର ଆୟୋଜନ କରିଥିଲେ। ଏହି ଅବସରରେ ଜୟପୁର ବ୍ଲକ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପି. ହରିଶଚନ୍ଦ୍ର ରାଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ ରାବନାଗୁଡ଼ା ମେଡିକାଲ ଅଧିକାରୀ ଏ. ଚୈତନ୍ୟ ଯୋଗଦେଇଥିଲେ।

# ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ ପଢ଼ାଉଛି ବେଦାନ୍ତ ସମିତି

କୋରାପୁଟ, ୨୬।୨(ସ୍ୱ.ପ୍ର.)

କୋରାପୁଟ ବେଦାନ୍ତ ସମିତି ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ ପଢାଉଥିବା ଦେଖିବାକୁ ମିଳିଛି। ଫଳରେ ସହରର ଅନେକ ଗରିବ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ଏହି ଛାତ୍ରୀଛାତ୍ରମାନେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନ ଥିବାରୁ ସେମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଥିଲେ। ସରକାରୀ ସ୍କୁଲରେ ପଢୁଥିବା ଏହି ଛାତ୍ରୀଛାତ୍ରମାନେ ଅର୍ଥାଭାବରୁ ଟିଉସନ ହୋଇ ନପାରି ଆବଶ୍ୟକ ସମୟରେ ନିଜ ଦ୍ୱନ୍ଦ୍ୱ ଦୂର କରିପାରୁ ନଥିଲେ। ଏପରି କ୍ଷେତ୍ରରେ ସମିତିର ଏହି ପ୍ରୟାସ ସେମାନଙ୍କ ମଧ୍ୟରେ ନୂତନ ଆଶା ଆଣିଛି। ସ୍କୁଲରୁ ଫେରିବା ପରେ ଏଠାକୁ ଆସି ୨୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଅବସରପ୍ରାପ୍ତ ଶିକ୍ଷକମାନେ ସେମାନଙ୍କୁ ସମସ୍ତ ବିଷୟ ପଢାଉଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବରରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଥିବା ପିଲାଙ୍କୁ ମାଗଣା ଶିକ୍ଷା ଦେବା ନେଇ ସମିତି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏ କ୍ଷେତ୍ରରେ କୋରାପୁଟ ସହରର କେତେକ ଅଭିଜ୍ଞ ଶିକ୍ଷକ ମଧ ସହାୟତାର ହାତ ବଢାଇଥିଲେ। ଅବସର ସମୟରେ ପିଲାଙ୍କୁ ପାଠ ପଢାଇଲେ ଖୁବ୍ ଖୁସି ମିଳୁଛି ବୋଲି ଶିକ୍ଷକ ଲଳିତ ପଟ୍ଟନାୟକ କହିଛନ୍ତି।



ବେଦାନ୍ତ ସମିତିରେ ପଢୁଥିବା ଛାତ୍ରୀଛାତ୍ରମାନେ।

## ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ କଲେ ମନ୍ତ୍ରୀ

ବୈପାରୀଗୁଡା,୨୬।୨((ଡି.ଏନ୍.ଏ)

ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ସ୍ଥାନୀୟ ଯୁକ୍ତ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଛି। ଏହି ଅବସରରରେ ସ୍ଥାନୀୟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟକ ପଦ୍ମିନି ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଉପଜିଲାପାଳ ବେଦବର ପ୍ରଧାନ, ତହସିଲଦାର ସ୍ନିଗଧାରାଣି ଚୋଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଅଭିଭାବକ–ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ

ମାଥିଲି,୨୬।୨(ଡି.ଏନ.ଏ.)– ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲିସ୍ଥିତ ସରକାରୀ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ସ୍ୱର୍ଣ୍ଣକାର ମୁଖ୍ୟ ଅତିଥି, ଗୋବିନ୍ଦପାଲ୍ଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଆକାଶ ସର୍ଦ୍ଦାର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଗୋବିନ୍ଦପାଲ୍ଲି ପୂର୍ବତନ ସରପଞ୍ଚ ରଘୁରାମ କିଚାପଡିଆ, ଖବରଦାତା ପଦ୍ମା ନାୟକ, ଶଶାଙ୍କ ଶେଖର ପଟ୍ଟନାୟକ, ଅନନ୍ତ ତ୍ରିପାଠୀ, ଗିରିଜା ଶଙ୍କର ପ୍ରଧାନ,ଅଭୟ ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଯୋଗ ଦେଇଥିବା ସମସ୍ତ ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ ଦେଇ ଛାତ୍ରୀମାନେ ସ୍ୱାଗତ କରିଥିଲେ। ବୈଠକରେ ଅଧକ୍ଷ ସ୍ୱର୍ଣ୍ଣକାର ସଭାପତିତ୍ୱ କରିଥିଲେ। ଗତବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀ ବଣ୍ଡା କରମା ମୁଦୁଲି ଜିଲାରେ ଟପ୍ପର ହୋଇ ବିଦ୍ୟାଳୟର ସମ୍ମାନ ବଢ଼ାଇଥିଲେ। ପ୍ରତିବର୍ଷ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କିପରି ପରୀକ୍ଷାରେ ଅଧିକରୁ ଅଧିକ ନମ୍ବର ରଖି ଜିଲା ଏବଂ ରାଜ୍ୟରେ ସମ୍ମାନ ବୃଦ୍ଧି କରିବେ ସେନେଇ ଆଲେଚନା ହୋଇଥିଲା। ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ନିଜ ଯତ୍ନ ନେବା ଏବଂ ଭାଗ୍ୟ ନିଜେ ଗଢିବାକୁ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରିବାକୁ ସମ୍ମାନିତ ଅତିଥି ପଦ୍ମା ପରାମର୍ଶ ଦେଇଥିଲେ।




ବୈଠକରେ ଉପସ୍ଥିତ ଅତିଥି ଓ ଅଭିଭାବକ।

## ବସଷ୍ଟାଣ୍ଡ ନିର୍ମାଣ ନେଇ ଓଏସଆରଟିସିର ନନ୍ଦପୁର ଗସ୍ତ

ନନ୍ଦପୁର, ୨୬।୨– କୋରାପୁଟ ଜିଲାର କୌଣସି ବ୍ଲକରେ ବସଷ୍ଟାଣ୍ଡ ନାହିଁ। ରବିବାର ଓଏସଆରଟିସି ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ରଙ୍କ ନେତୃତ୍ୱରେ ୭ ଜଣିଆ ଦଳ କୋରାପୁଟ ଜିଲାର ବିଭିନ୍ନ ବ୍ଲକ ସଦର ମହକୁମା ଗସ୍ତକରି ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଜମି ଚିହ୍ନଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକ ସଦର ମହକୁମା ଗସ୍ତ କରି ନନ୍ଦପୁର ତହସିଲ କାର୍ଯ୍ୟାଳୟ ଓ ଏମଡିଆର ୫୫ ରାସ୍ତା ପାର୍ଶ୍ୱରେ ଥିବା ପରିତ୍ୟକ୍ତ ନେତାଜୀ ଶିଶୁ ଉଦ୍ୟାନ, ରଙ୍ଗମଞ୍ଚ ମଣ୍ଡପ, ଚିତବିନୋଦନ କେନ୍ଦ୍ର ଆଦି ୩ଟି ଅବ୍ୟବହୃତ ସରକାରୀ ଗୃହ ଭାଙ୍ଗି ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସ୍ଥିର କରିଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକର ପୁନଃ ନିର୍ମାଣ ଲାଗି ତହସିଲ ପ୍ରଶାସନ ଜମି ଯୋଗାଇ ଦେବ ବୋଲି ପରିଚାଳକ ମହାପାତ୍ର କହିଛନ୍ତି। ପ୍ରତିନିଧି ଦଳର ଗସ୍ତ ସମୟରେ ନନ୍ଦପୁର ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଉପସ୍ଥିତ ଥିଲେ।

# କାମ ନ ପାଇ ଭିଟାମାଟି ଛାଡୁଛନ୍ତି ଗ୍ରାମବାସୀ

ଦଶମନ୍ତପୁର, ୨୬।୨ ( ଡି.ଏନ.ଏ.)



ଭିଟାମାଟି ଛାଡିଥିବା ଗ୍ରାମବାସୀ।

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତ ଭିତରବାଗ୍ରି ଗ୍ରାମରେ ଗ୍ରାମବାସୀ ନିଜ ଅଞ୍ଚଳରେ କୌଣସି କାମ ନ ପାଇ ଶେଷରେ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି। ଏହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ସେମାନଙ୍କ ମୁଖ୍ୟ ଜୀବିକା ପଡୁ ଚାଷ କରି ଚଳିଥାନ୍ତି। ଦୀର୍ଘ ବର୍ଷ ଧରି ଗ୍ରାମରେ ସେମାନଙ୍କୁ କିଛି କାମ ନମିଳିବାରୁ କ୍ରମେ ପରିବାର ଚଳାଇବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇପଡିଲା। କେତେକ ଗ୍ରାମବାସୀ ଜଣେ ଠିକାଦାରଙ୍କ ଅଧୀନରେ କିଛି କାର୍ଯ୍ୟ କରି ପାରିଶ୍ରମିକ ପାଇଲେ ନାହିଁ। ଶେଷରେ ସେମାନେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାକୁ ଦାଦନ ଖଟିବାକୁ ଯାଇଛନ୍ତି। ଆମକୁ କାମ କରି ପାରିଶ୍ରମିକ ନ ମିଳିବାରୁ ବାଧ ହୋଇ ଗ୍ରାମ ଛାଡିଲୁ ବୋଲି ଗ୍ରାମର ସାଧୁ ସାଉଁନ୍ତା, ଈଶ୍ୱର ମୁଦୁଲି, ଉପେନ୍ଦ୍ର ସାଉଁନ୍ତା, ଲୁକିଆ ଜାନି, ପୂର୍ଣ୍ଣ ସାଉଁନ୍ତା, କାଳିଆ ପରଜା, ଲବି ହିକକା ପ୍ରମୁଖ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ମୁଣ୍ଡିଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୨୬।୨ (ନି.ପ୍ର.)- ଦେଶୀ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ମୁଣ୍ଡିଗୁଡା ଜଙ୍ଗଲରେ ଚଢାଉ କରି ୩୦ ଲିଟର ମଦ ଓ ୬ ଶହ ଲିଟର ପୋଚ ଜବତ କରିଛି। ପୂର୍ବ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ ଜବତ ହୋଇଥିବା ଓଆଇସି ସଞ୍ଜୟ ତାଣ୍ଡି କହିଛନ୍ତି।

### ଶିଶୁଗଳ୍ପ ସଙ୍କଳନ 'ଗପ ଫଗୁଆ' ଉନ୍ମୋଚିତ

ଜୟପୁର,୨୬।୨(ନି.ପ୍ର.)- ଜୟପୁରର କବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ଶିଶୁ ଗଳ୍ପ ସଂକଳନ 'ଗପ ଫଗୁଆ' ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ହେଟୋଲରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ପ୍ରଦୀପ ରାୟ, ଗାଳ୍ପିକ ଡ. ଦୀନବନ୍ଧୁ ସାହୁ, ସବ୍ୟସାଚୀ ବିଷୋୟୀ, ସୁଜାତା ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ "ଗପଫଗୁଆ" ଉନ୍ମୋଚିତ ହୋଇଥିଲା। ପ୍ରକାଶକ ଦେବାଶିଷ ସାମନ୍ତରାୟ ପୁସ୍ତକଟିକୁ ପ୍ରକଶ କରିଛନ୍ତି। ପାଣିଗ୍ରାହିଙ୍କ ପ୍ରଥମ କବିତା ସଂକଳନ 'ଅନ୍ୟନ୍ୟା' ଖୁବ ପାଠକୀୟ ଆଦୃତି ଲାଭ କରିଛି। ଉପସ୍ଥିତ ଅତିଥିମାନେ ତାଙ୍କ ସାହିତ୍ୟିକ ଜୀବନର ଉନ୍ନତି କାମନା କରିଥିଲେ।

# ୧ରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ ନିଷ୍ପତ୍ତି

**ଗୁଣପୁର ଜିଲ୍ଲା ମାନ୍ୟତା ଦାବି ନେଇ ବୈଠକ**

ଗୁଣପୁର,୨୬।୨(ଡି.ଏନ.ଏ)

ଗୁଣପୁର ଜନସାଧାରଣଙ୍କ ତିନି ଦଶନ୍ଧିର ଦାବିକୁ ସରକାର କର୍ଣ୍ଣପାତ କରି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ୧୯୯୨ରେ ୧୩ ଜିଲାରୁ ୩୦ ଜିଲା ହେବା ପରେ ଗୁଣପୁର ଜିଲା ଗଠନ କରିବାକୁ ମଧ ଦାବି ହୋଇଥିଲା। ଏହାକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅସନ୍ତୋଷ କୁହୁଳୁଥିବା ବେଳେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ଲାଗି ରବିବାର ସନ୍ଧ୍ୟାରେ ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲ। ଯୁବନେତା ମୁନା ପାଣିଙ୍କ ଆବାହକତ୍ୱରେ ହୋଇଥିବା ଏହି ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜିବୀ ଏବଂ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ଥିଲେ। ଜିଲାକୁ ମାନ୍ୟତା ଦାବିରେ ଆନ୍ଦୋଳନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଆସନ୍ତା ୧ ତାରିଖରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳ ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଫଣି ଭୂଷଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ରମେଶ ଲିମା, ଏଲ.ଗୋପାଳା ରାଓ, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବିଜେଡି ନେତା ପିଙ୍କୁ ପଣ୍ଡା, ରାମ ପଣ୍ଡା, ଏସ.ବାବା ପ୍ରସାଦ,ଭାଜପା ନେତା ୱାଇ.ଗଣପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମୀ ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ଗତ ଗୁରୁବାର ବିଧାନସଭାରେ ନୂଆ ଜିଲା ଗଠନ ନେଇ ସ୍ୱର ଉଠିବା ପରେ ଗୁଣପୁରରେ ମଧ ଏହି ଦାବି ମୁଣ୍ଡ ଟେକିଛି। ପଦ୍ମପୁର, ମୁନିଗୁଡାକୁ ଏନ୍‌ଏସି ଏବଂ ବିଷମକଟକକୁ ଉପଖଣ୍ଡ ମାନ୍ୟତା ଦାବି ମଧ କରାଯିବ।


ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ।

# ଧାରଣାରେ ସଂଘ, ଯୁକ୍ତ ୨ପରୀକ୍ଷା ପରିଚାଳନା ନେଇ ସନ୍ଦେହ

କୋରାପୁଟ,୨୬।୨(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଅନୁମୋଦନରେ ରାଜ୍ୟ ସତନ୍ତ୍ର ସମସ୍ୟା ପାଣ୍ଠିରୁ କୋରାପୁଟ ଜିଲାର ଉଚ୍ଚଶିକ୍ଷାର ଅଭିବୃଦ୍ଧି ନେଇ ୨୧ଟି ମହାବିଦ୍ୟାଳୟକୁ ୧୩ କୋଟି ୨୫ ଲକ୍ଷ ଟଙ୍କା ଅନୁମୋଦନ ମିଳିଛି। ଏହାଦ୍ୱାରା ମହାବିଦ୍ୟାଳୟଗୁଡ଼ିକର ଭିତିଭୂମି ଉନ୍ନତି ସହ ଅଧ୍ୟୟନ କ୍ଷେତ୍ରରେ ରହିଥିବା ଶ୍ରେଣୀ ଗୃହର ସମସ୍ୟା କିଛି ପରିମାଣରେ ସମାଧାନ ହେବ ବୋଲି ନିଖିଳ ଓଡ଼ିଶା ୬୬୨ ବର୍ଗ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ତ୍ରିନାଥ ପାତିକା କହିଛନ୍ତି। ଅନ୍ୟପକ୍ଷରେ ଗତ ୧୩ରୁ ୧୫ ଦିନ ହେଲା ୨୦୦୮ ଅନୁଦାନ ପ୍ରାପ୍ତ ୬୬୨ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହୋରାତ୍ର ଧାରଣାରେ ବସିଛନ୍ତି। ସମାନ ଗ୍ରେଡ ପେ ଆଧାରରେ ସମାନ ଦରମା ବୃଦ୍ଧି, ସମସ୍ତଙ୍କୁ ଅବସରକାଳୀନ ଭତା, ୨୦୧୮ ଜିଓ ପ୍ରତ୍ୟାଶୀଙ୍କୁ ୭ମ ବେତନ ହାରରେ ଦରମା ପ୍ରଦାନ ଓ ଅସଙ୍ଗତି ପଦବୀ ପାଇଁ ଆଗତ ତଥ୍ୟକୁ ଯାଞ୍ଚ ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଗାନ୍ଧୀ ମାର୍ଗରେ ବସିରହିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଛି। ତେବେ ଗୋଟିଏ ଦିନ ପରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ଛାତ୍ରୀଛାତ୍ର ଓ ଅବିଭାବକ ମହଲରେ ପରୀକ୍ଷା ପରିଚାଳନା ନେଇ ସନ୍ଦେହ ପ୍ରକାଶ ପାଇଛି। ତୁରନ୍ତ ସମସ୍ୟାର ସମାଧାନ ଲାଗି ଦାବି ହେଉଛି।

### ଅନ୍ତବୁଜୁଳା ପଦାକୁ ବାହାରି ମହିଳା ଗୁରୁତର

- ସ୍ତ୍ରୀଙ୍କୁ ଜଙ୍ଗଲରୁ ୨କି.ମି ବୋହି ଆଣିଲେ ସ୍ୱାମୀ
- ଅଫିସ ଗାଡ଼ିରେ ଡାକ୍ତରଖାନା ନେଲେ ତହସିଲଦାର

ଦିଗପହଣ୍ଡି,୨୬।୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଗ୍ରାମ ଡିକିଲିରେ ରବିବାର ଏକ ଲୋମଟାଙ୍କୁରା ଘଟଣା ଦେଖିବାକୁ ମିଳିଛି। ଫସଲ ଜଗିବା ପାଇଁ କରିଥିବା ମଞ୍ଚା ଉପରକୁ ଚଢ଼ିବା ବେଳେ ଗୋଡ ଖସିଯାଇ ଧାରୁଆ ବାଉଁଶ କେନାରେ ଜଣେ ମହିଳାଙ୍କ ପେଟ ଚିରି ହୋଇ ଅନ୍ତଃବୁଜୁଳା ବାହାରି ଆସିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର କାର୍ତ୍ତିକା ଦଳାଇ ସ୍ତ୍ରୀ ସୁଷମା(୫୦)। ସୁଷମା ଘରଠାରୁ ପ୍ରାୟ ୨ କି.ମି ଦୂର ଜଙ୍ଗଲ ଭିତରେ ଥିବା ଚଣାବାଡକୁ ଯାଇଥିଲେ। ସେଠାରେ ସେ ଫସଲ ଜଗିବା ପାଇଁ କରିଥିବା ମଞ୍ଚା ଉପରକୁ ଚଢ଼ିବା ବେଳେ ହଠାତ ଗୋଡ ଖସିଯାଇଥିଲା। ଫଳରେ ଧାରୁଆ ବାଉଁଶ କେନାରେ ତାଙ୍କ ପେଟ ଚିରି ହୋଇ ଅନ୍ତଃବୁଜୁଳା ବାହାରି ଆସିଥିଲା। ଚିତ୍କାର ଶୁଣି କାର୍ତ୍ତିକା ପହଞ୍ଚି ସ୍ତ୍ରୀଙ୍କୁ ଉଦ୍ଧାର କରିଥିଲେ ମଧ ଘରକୁ ଆଣିବାକୁ କୌଣସି ବ୍ୟବସ୍ଥା ନଥିବାରୁ ବାଧ ହୋଇ ୨ କି.ମି ରାସ୍ତା ବୋହି ଆଣିଥିଲେ। ଦିଗପହଣ୍ଡି ତହସିଲଦାର ଗ୍ରାମବାସୀଙ୍କ ଆଧାର କାର୍ଡ ପାଇଁ ଆବଶ୍ୟକ ହେଉଥିବା ଜନ୍ମଗତ ପ୍ରମାଣପତ୍ର କରାଇବା ଉଦ୍ଦେଶ୍ୟରେ ଗ୍ରାମରେ ଉପସ୍ଥିତ ଥିଲେ। ତହସିଲଦାର ନିଜ ଅଫିସ ଗାଡିରେ ମହିଳାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ମହିଳାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେବାପାଇଁ ପରାମର୍ଶ ଦେଇଥିଲେ। ତହସିଲଦାରଙ୍କ ଲଗାତାର ଉଦ୍ୟମ ଫଳରେ ଦିଗପହଣ୍ଡିଠାରେ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ହେବାରୁ ମହିଳାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି।

# ଶିଶୁ ମହୋତ୍ସବ 'ଆଡ଼ିନ'ଉଦ୍‌ଘାଟିତ

ରାୟଗଡ଼ା,୨୬।୨(ସ୍ୱ.ପ୍ର.)

ରାୟଗଡ଼ା ବ୍ଲକ ପିତାମହଲସ୍ଥିତ ଆଶ୍ରମ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ଆଡ଼ିନ-୨୦୨୩'ଉଦ୍‌ଘାଟିତ ହୋଇଯାଇଛି । କୁଭି ଭାଷାରେ ଆଡ଼ିନର ଅର୍ଥ ହେଉଛି ସକ୍ଷମ । ଏହି ମହୋତ୍ସବରେ ରାୟଗଡ଼ା ଶିକ୍ଷା ମଣ୍ଡଳାଧୀଷ ଶ୍ୟାମଘନ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଶାନ୍ତ ଜାକକା ଆୟୋଜିତ କରିଥିବା ବେଳେ ଅଭିଭାବକମାନେ ଯୋଗଦେଇ ମହୋତ୍ସବର ଅନୁଭବ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ପିତାମହଲ ସରପଞ୍ଚ ଟୁଟୁ ତାଡିଙ୍ଗି, ସମିତିସଭ୍ୟ ବବି ତାଡିଙ୍ଗି, ନାଏବ ସରପଞ୍ଚ ଶର୍ମିଳା ପାଲକା, ୱାର୍ଡ ସଦସ୍ୟ ବାଗି ହିମିରିକା, ମହିଳା ସ୍ୱାସ୍ଥ୍ୟକର୍ମୀ ବିନୋଦିନୀ ନିମାଳା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ କଳା ମାଧ୍ୟମରେ ଛାତ୍ରୀଛାତ୍ରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟତ୍ରୀ ସୁଦଷ୍ଟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

### କୀଟନାଶକ ଖାଇ ଯୁବକଙ୍କ ମୃତ୍ୟୁ

ଜୟପୁର, ୨୬।୨ (ନି.ପ୍ର.)

କୀଟନାଶକ ଖାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜୟପୁର ସହର କୁମ୍ଭାରସାହିର ରମେଶ ଡଙ୍ଗରି (୨୨) ।ରମେଶ କୀଟନାଶକ ଖାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମତାନ୍ତର ଘଟିବାରୁ ଏପରି ଘଟଣା ଘଟିଥିବା ଟାଉନ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମ୍ପିତ ବେହେରା କହିଛନ୍ତି ।

# ମାନବିକତା ଦେଖାଇଲେ ମହିଳା କନଷ୍ଟେବଲ

ମାଲକାନଗିରି,୨୬।୨(ଡି.ଏନ୍.ଏ):

ମାଲକାନଗିରିରେ ରବିବାର କନଷ୍ଟେବଲ (ସିଭିଲ) ନିଯୁକ୍ତି ପରୀକ୍ଷା ପାଇଁ ଆସିଥିବା ଜଣେ ପ୍ରାର୍ଥୀଙ୍କ ଶିଶୁର ଯତ୍ନ ନେଇ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲ ମାନବିକତାର ପରିଚୟ ଦେଇଛନ୍ତି। କନଷ୍ଟେବଲ ଜଣକ ହେଲେ ବାସନ୍ତୀ ଚୌଧୁରୀ। ପରୀକ୍ଷାର୍ଥୀ ଜଣଙ୍କ ନିଜ ଛୋଟ ଶିଶୁକୁ ଧରି ପରୀକ୍ଷା ଦେବା କଷ୍ଟକର ହୋଇପଡିଥିବା ବେଳେ କନେଷ୍ଟବଳ ଏହା ଦେଖି ଶିଶୁଟିକୁ ରଖି ତାହାର ଯତ୍ନ ନେଇଥିଲେ । ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ମାଲକାନଗିରି ଏସପି ନିତେସ ୱାଧୱାନି ମଧ ଟୁଇଟ କରି ବାସନ୍ତୀଙ୍କୁ ପ୍ରଶଂସା କରିଛନ୍ତି ।


କନଷ୍ଟେବଳ ବାସନ୍ତି ଚୌଧୁରୀ ଶିଶୁକୁ ଧରିଛନ୍ତି ।

# ମଣିଷ ତିଆରି କାରଖାନା ପାଲଟିଛି ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ:ମନ୍ତ୍ରୀ

**ଶତବାର୍ଷିକୀ ଉତ୍ସବ ପାଳିତ**

ମାଲକାନଗିରି,୨୬।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଶତବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସ୍ଥାପନ ସମୟର ଛାତ୍ର ଶତାୟୁ ଜଗବନ୍ଧୁ ଚିଟିକିଙ୍କୁ ମୁଖ୍ୟ ଅତିଥି ଆଇନମନ୍ତ୍ରୀ ଜଗନ୍ନାଥ ସାରକା ସମ୍ମାନିତ କରିଥିଲେ।

ନିଜ ବକ୍ତବ୍ୟରେ ମନ୍ତ୍ରୀ ସାରକା କହିଥିଲେ, ଶିକ୍ଷା ହେଉଛି ପ୍ରଗତିର ଚାବିକାଠି । ଯେଉଁ ଦେଶ ଓ ଜାତି ଯେତେ ଶିକ୍ଷିତ ସେହି ଦେଶ ଓ ଜାତି ସେତେ ଉନ୍ନତ ବୋଲି କହିଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି। ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ପୃକ୍ତ କରି ବିଦ୍ୟାଳୟର ବିକାଶ ପାଇଁ ହୋଇଥିବା ଉଦ୍ୟମ ମୋ ସ୍କୁଲ ଅଭିଯାନ ବେଶ ସଫଳ ହୋଇଛି । ପ୍ରଥମେ ଚାଳ ଘରରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ଭିତିଭୂମି ଏବେ ସୁଦୃଢ଼ ହୋଇଛି । ଏହି ବିଦ୍ୟାଳୟ ଏବେ ମଣିଷ ତିଆରି କାରଖାନାରେ ପରିଣତ ହୋଇଛି ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ମାନସ ମାଡ଼କାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ଜିଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ, ଉପ ସଭାପତି ପତିତପାବନ ବୈଦ୍ୟ, ପୂର୍ବତନ ଛାତ୍ର କମିଟି ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ମୁକା ମାଡ଼କାମି ଉପସ୍ଥିତ ଥିଲେ। ବିଦ୍ୟାଳୟର ଭିତିଭୂମି ବିକାଶ ଲାଗି ଏମ୍‌ପି ମାଝି ତାଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ସେ ପୁଣି କହିଥିଲେ ଯେ, ରାଜ୍ୟର ଚଳିତ ବଜେଟରେ ଶିକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ମିଳିଛି । ଏଥିରେ ସ୍ୱତନ୍ତ୍ର ଭାବେ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ଓ ଅଧିକାରୀଙ୍କୁ ଉତ୍ସାହିତ କରିବା ପାଇଁ ବ୍ୟବସ୍ଥା ରହିଛି । ଏହି ଶତାୟୁ ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଭାବେ ବଜେଟ ବ୍ୟବସ୍ଥା କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ସେ କହିଥିଲେ । ପୁରାତନ ଛାତ୍ର କମିଟି ଉପଦେଷ୍ଟା ସିମାଞ୍ଚଳ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ତଥା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସ୍ମରଣିକା 'ଶତଦଳ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମଧ ପୁରସ୍କୃତ ହୋଇଥିଲେ। ବାଲାରାଜୁ ପାଢ଼ୀ ଧନ୍ୟବାଦ ଦେଇଥିଲେ।



ଶତାୟୁ ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

# ସାହିତ୍ୟିକ ବିଚିତ୍ରାନନ୍ଦଙ୍କୁ ରାଜ୍ୟସ୍ତରୀୟ କୈବଲ୍ୟ ରତ୍ନବେଦୀ ସମ୍ମାନ


ଅତିଥିମାନେ ବିଚିତ୍ରାନନ୍ଦଙ୍କୁ ସମ୍ମାନିତ କରୁଛନ୍ତି ।

ନନ୍ଦପୁର, ୨୬।୨

କୋରାପୁଟ ଜିଲାରେ ସାହିତ୍ୟ ଓ ଭାଷା ସୁରକ୍ଷା ସହ ନିଶା ନିବାରଣ କ୍ଷେତ୍ରରେ ନନ୍ଦପୁର ବ୍ଲକ ତଥା ଜିଲାରେ ପ୍ରଶଂସିତ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ କୈବଲ୍ୟ ସାହିତ୍ୟ ସଂସଦ କଟକ ତରଫରୁ 'କୈବଲ୍ୟ ରତ୍ନବେଦୀ ସମ୍ମାନ' ୨୦୨୩ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମଧ ରାଜ୍ୟର ୩୦ ଜିଲା ସମେତ ରାଜ୍ୟ ବାହାରର ସାହିତ୍ୟିକମାନଙ୍କୁ କୈବଲ୍ୟ ରତ୍ନବେଦୀ, କୈବଲ୍ୟ ଯଜ୍ଞଶାଳା ଓ କୈବଲ୍ୟ ଭୋଗ ମଣ୍ଡପ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ, ପୁସ୍ତିକା ବୈଶାଖୀ ଓ ଗାଁ ଅବଧାନର ସମ୍ପାଦକ ପଣ୍ଡାଙ୍କ କାର୍ଯ୍ୟ କୈବଲ୍ୟ ସାହିତ୍ୟ ସଂସଦ ସଭାପତି ଡ଼ା. ସଂଗ୍ରାମ କେଶରୀ ସାମନ୍ତରାୟ ଓ ବିଜୟ ଲକ୍ଷ୍ମୀ ସାମନ୍ତରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ରତିକାନ୍ତ ମହାପାତ୍ର ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଆମ୍ବେଦକର ଫାଉଣ୍ଡେସନର ଡ ରାଜେନ୍ଦ୍ର ପ୍ରସାଦ ମାଝୀ, ବାଲେଶ୍ୱରର ପୂର୍ବତନ ଜିଲାପାଳ ସନାତନ ମଲିକ, ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ନୀଳକଣ୍ଠ ପତି, ପ୍ରଧାପିକା ଡ ପ୍ରତିଭା ମହାରଥୀ, ନାଇଜରର କୁଳସଚିବ ଡ. ଅଭୟ ନାୟକ, ପଣ୍ଡିତ ନୀଳକଣ୍ଠ ରାଉତ, ଡ ସୁରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡାଙ୍କୁ ଏଭଳି ସମ୍ମାନ ମିଳିବା ନେଇ ତାଙ୍କୁ ଅନେକ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ଉଦ୍‌ଘାଟନୀ ମ୍ୟାଚରେ ବାଲିମେଳା ବିଜୟୀ

**ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ**

ଚିତ୍ରକୋଣ୍ଡା, ୨୬।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସଦର ମହକୁମାଠାରେ ଅବିଭକ୍ତ କୋରାପୁଟ ଜିଲାକୁ ନେଇ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟକୁ ଚିତ୍ରକୋଣ୍ଡା ୟୁଥ କ୍ଲବ କର୍ମକର୍ତ୍ତାମାନେ ଆୟୋଜନ କରିଛନ୍ତି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ୧୬ଟି ଟିମ୍ ବାଲିମେଳା, ମାଥିଲି, କୋରାପୁଟ, କୋଲାବ, ମାଲକାନଗିରି ବାଲାଜୀ ୬, ପୁରୁଣାଗଡ, ନନ୍ଦପୁର, ମୋହୁଲି, ଲମତାପୁଟ, ପଡିଆ, ଜୟପୁର, ରାୟଗଡ଼ା, ଚିତ୍ରକୋଣ୍ଡା, ମାଲକାନଗିରି ଟାଉନ, ନବରଙ୍ଗପୁର, ଲକ୍ଷ୍ମୀପୁର ଟିମ୍ ଅଂଶଗ୍ରହଣ କରିବେ। ରବିବାରର ଉଦଘାଟନୀ ମ୍ୟାଚ ମାଥିଲି ଓ ବାଲିମେଳା ମଧ୍ୟରେ ହୋଇଥିଲା। ମାଥିଲିକୁ ହରାଇ ବାଲିମେଳା ବିଜୟୀ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଜେଶ୍ୱରୀ ଖିଲ, ସମ୍ମାନିତ ଅତିଥି ରୂପେ ଚିତ୍ରକୋଣ୍ଡା ସରପଞ୍ଚ ହରିମୋହନ ଖିଲ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୂର୍ଯ୍ୟ ନାରାୟଣ ବେହେରା, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ଦେବେନ୍ଦ୍ର ଦାସ, ପୀତାମ୍ବର ଖେମୁଡ ଯୋଗ ଦେଇଥିଲେ। ମ୍ୟାଚକୁ ସନ୍ତୋଷ ନାୟକ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ପୌରାଣିକ, ଐତିହାସିକ ଭିତ୍ତିଭୂମି ସମୃଦ୍ଧ

- ମାଲକାନଗିରିର ଗଣପର୍ବ ବଡ଼ଯାତ୍ରା
- ଯୁବପିଢ଼ିଙ୍କ ଅନାଗ୍ରହ ବଢ଼ାଉଛି ଚିନ୍ତା
- ଗୁରୁ ସନ୍ଦିପନୀଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ

ମାଲକାନଗିରି,୨୬।୨(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଗଣପର୍ବ ବଡ଼ଯାତ୍ରା ପାଇଁ ବିଗୁଲ ବାଜିସାରିଛି। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ବର୍ତ୍ତମାନର ଯୁବପିଢ଼ି ବଡ଼ଯାତ୍ରାର ଇତିହାସ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଏହି ଯାତ୍ରାର ଭବିଷ୍ୟତ କିପରି ସୁରକ୍ଷିତ ରହିବ ସେନେଇ ଏବେଠାରୁ ଆଲୋଚନା, ତର୍ଜମା ଆରମ୍ଭ ହେଲାଣି। ମାଲକାନଗିରି ଜିଲାରେ ପ୍ରତି ୨ବର୍ଷରେ ଥରେ ପାଳନ ହେଉଥିବା ବଡ଼ଯାତ୍ରା ମାସେ ଧରି ଚାଲିଥାଏ। ଏହି ଯାତ୍ରାର ପୌରାଣିକ ଓ ଐତିହାସିକ ଭିତ୍ତିଭୂମି ବେଶ୍ ସମୃଦ୍ଧ। ଏ ସମ୍ପର୍କରେ ତଳସାହିର ଶତାୟୁ ଜଗବନ୍ଧୁ ଚିଟିକି ଓ ତାଙ୍କ ସ୍ତ୍ରୀ ବନଦେଈ (୯୫) କହନ୍ତି, ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଦ୍ରାବିଡ଼ ଏବଂ ରାକ୍ଷସମାନଙ୍କ ଶାସନରେ ଥିବା ବେଳେ ଏହିସବୁ ରାଜ୍ୟ ଦଣ୍ଡକାରଣ୍ୟ ନାମରେ ନାମିତ ହୋଇଥିଲା। ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କର୍ନାଟକ, ଆନ୍ଧ୍ର ସେତେବେଳେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ରାମାୟଣରେ ଉଲ୍ଲେଖ ଅଛି ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହ ୧୪ ବର୍ଷ ଦଣ୍ଡକାରଣ୍ୟରେ ରହିଥିଲେ। ମୁଦୁଲିପଡ଼ା ବଣ୍ଡାଘାଟିରେ ଥିବା ସୀତାକୁଣ୍ଡ ଓ ଆମାକୁଣ୍ଡ ଏହାର ପ୍ରକୃଷ୍ଟ ଉଦାହରଣ। ଆମାକୁଣ୍ଡ ଓ ସୀତାକୁଣ୍ଡ ମାଲକାନଗିରି ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ଛତିଶଗଡ଼ ସୀମାନ୍ତ ଜଦୁଗୁଡ଼ାଠାରେ ରହିଛି।

ଦ୍ୱାପରଯୁଗରେ ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ (ତିନିଠାକୁର) ଗୁରୁକୁଳରେ ରହି ଗୁରୁ ସନ୍ଦିପନୀଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ। ଅଧ୍ୟୟନ ପରେ ଗୁରୁଦକ୍ଷିଣା ଦେବାକୁ ମନ ବଳାଇଥିଲେ। ସନ୍ଦିପନୀ ଏକ ସର୍ତ୍ତ ରଖିଥିଲେ। ଯଦି ଗୁରୁଦକ୍ଷିଣା ଦେବାକୁ ଇଚ୍ଛା କରୁଛ ତେବେ ମୋ ୩ ମୃତ ପୁଅଙ୍କୁ ଆଣି ଦେବାକୁ କହିଥିଲେ। ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ କେଉଁ କାରଣରୁ ଆମ ଗୁରୁଙ୍କ ୩ ପୁଅଙ୍କ ଜୀବନ ନେଇଛ ବୋଲି ପଚାରି ସେମାନଙ୍କୁ ଫେରାଇଦେବାକୁ ଯମରାଜଙ୍କୁ ନିବେଦନ କରିଥିଲେ। ଏହାର ଉତ୍ତରରେ ଯମରାଜ କହିଥିଲେ, ମୁଁ ସନ୍ଦିପନୀଙ୍କ ୩ପୁଅଙ୍କୁ ବଞ୍ଚାଇ ରଖିଛି, ଆପଣମାନେ ନେଇଯାଆନ୍ତୁ। ଏହି ସମୟରେ ସେମାନେ ଯୁଧିଷ୍ଠିରଙ୍କ ପିତା ପାଣ୍ଡୁ ଯମାଳୟର ଏକ ନିଛାଟିଆ ସ୍ଥାନରେ ଠିଆହୋଇ ରହିଥିବା ଦେଖିଥିଲେ। ଏହାର କାରଣ ଜାଣିବାକୁ ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ପଚାରିବାରୁ ଯମରାଜ କହିଲେ, ପାଣ୍ଡୁ ମୃତ୍ୟୁବରଣ କରିଥିଲେ ସୁଦ୍ଧା ସେ ମୋକ୍ଷ ହୋଇ ନ ପାରି ଅଭିଶାପ ଭୋଗୁଛନ୍ତି। ସେଥିଯୋଗୁ ତାଙ୍କ ଶରୀର ଲୀନ ହୋଇପାରୁନାହିଁ। ଶ୍ରୀକୃଷ୍ଣ ଏହାର କାରଣ ପଚାରିବାରୁ ଯମରାଜ କହିଲେ, ହରିଣ ହରିଣୀ ପ୍ରୀତି ସମୟରେ ପାଣ୍ଡୁ ଧନୁତୀରରେ ସେମାନଙ୍କୁ ମାରି ଦେଇଥିଲେ। ସେମାନଙ୍କ ଅଭିଶାପ ଯୋଗୁ ସେ ଶାପଗ୍ରସ୍ତ ହୋଇ ମୋକ୍ଷ ପାଇପାରୁନାହାନ୍ତି। ଯଦି ଲକ୍ଷେ ରାଜାଙ୍କୁ ନିମନ୍ତ୍ରଣ କରି ଅନ୍ନଭୋଗ ପ୍ରଦାନ କରାଯାଏ ତେବେ ପାଣ୍ଡୁଙ୍କ ମୋକ୍ଷ ହେବ ଏବଂ ତାଙ୍କ ଶରୀର ଲୀନହେବ ବୋଲି ଯମରାଜ କହିଥିଲେ।

ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ଏହି କଥା ରାଜା ଯୁଧିଷ୍ଠିରଙ୍କୁ କହିଥିଲେ। ଯୁଧିଷ୍ଠିର ଲକ୍ଷେ ରାଜାଙ୍କୁ ନିମନ୍ତ୍ରଣ ପାଇଁ ପାତ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ୪ଦିଗକୁ ପଠାଇଥିଲେ। ସେମାନେ ମାଲକାନଗିରି ଜିଲା ପୋଲେରୁ ନଦୀ କୂଳରେ ଅବସ୍ଥିତ ପର୍ବତମାଳା ଦଣ୍ଡକାରଣ୍ୟକୁ ରାଜାଙ୍କୁ ଖୋଜି ବାହାରିଲେ। ସେଠାରେ ଜରାସନ୍ଧ ସର୍ବଶ୍ରେଷ୍ଠ ରାଜା ହେବାକୁ ମାଁ ମୁତ୍ୟାଲାମା ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ଲକ୍ଷେ ରାଜାଙ୍କୁ ମା' ମୁତ୍ୟାଲାମାଙ୍କ ନିକଟରେ ବଳି ଦେବାକୁ ସଂକଳ୍ପ କରି ରାଜାମାନଙ୍କୁ ମାନ୍ୟମକୋଣ୍ଡା ନିକଟ ବିରାଟ ପର୍ବତମାଳା ମଝିରେ ବନ୍ଦୀକରି ରଖିଥିବା ସେମାନେ ଜାଣିବାକୁ ପାଇଥିଲେ। ଜରାସନ୍ଧ କବଳରୁ ଏହି ରାଜାମାନଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ଯୋଜନା କରିଥିଲେ। ପରେ ଜରାସନ୍ଧଙ୍କ ସହ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ ଜରାସନ୍ଧ ଭୀମଙ୍କ ହାତରେ ନିହତ ହୋଇଥିଲେ। ମୃତ୍ୟୁ ପୂର୍ବରୁ ଜରାସନ୍ଧ ରାଜାମାନଙ୍କୁ ବନ୍ଦୀ କରି ରଖିଥିବା କହିଥିଲେ। ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ଦେବୀ ମୁତ୍ୟାଲାମାଙ୍କ ଶରଣ ପଶି ପରିଚୟ ଦେଇ ଲକ୍ଷେ ରାଜାଙ୍କୁ ଛାଡ଼ିଦେଲେ ପାଣ୍ଡୁ ଯମପୁରରେ ପାଉଥିବା କଷ୍ଟରୁ ମୁକ୍ତି ପାଇବେ ଓ ମାଁଙ୍କୁ ଲକ୍ଷେ ବଳି ଦେବେ ବୋଲି କହିଥିଲେ। ସେବେଠାରୁ ପ୍ରତି ୨ବର୍ଷରେ ଥରେ ମାଲକାନଗିରି ମାଉଲିମା ମନ୍ଦିରକୁ ତଳସାହିର ସେବକ ଓ ପୂଜାରୀମାନେ ମାସକ ପୂର୍ବରୁ ମାନ୍ୟମକୋଣ୍ଡାରେ ପହଞ୍ଚି ପର୍ବତ ଉପରେ ଥିବା ଚଟାଣ ଉପରେ ଶ୍ରୀକୃଷ୍ଣ, ଭୀମ, ଅର୍ଜୁନଙ୍କ ମୂର୍ତ୍ତି ତିଆରିକରି ସପ୍ତାହ ଧରି ପୂଜାର୍ଚ୍ଚନା କରିବେ। ପରେ ସୁସଜ୍ଜିତ ବିମାନରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପୋଲେରୁ ନଦୀର ତାଡକା ତୁଠରେ ତିନିଠାକୁରଙ୍କୁ ସ୍ନାନ କରିବା ପୂର୍ବରୁ ନିକଟରେ ଥିବା ଏକ ଛୋଟ କୁଣ୍ଡରେ ଦୁଇଟି ଛୋଟ ମାଛ ଆସିବେ। ମାଛ ଆସିବା ପରେ ତିନିଠାକୁରଙ୍କ ସ୍ନାନ ଓ ନୌକା ବିହାର କରି ଆନ୍ଧ୍ରର ପୋଲେରୁସ୍ଥିତ ମୁତ୍ୟାଲାମାଙ୍କ ମନ୍ଦିରକୁ ନେଇ ପୂଜାର୍ଚ୍ଚନା କରିବେ। ଛେଳି, କୁକୁଡ଼ା ବଳିଦେଇ ଯାତ୍ରାର ଶୁଭାରମ୍ଭ କରିବାକୁ କହିଥିଲେ। ସେଠାରୁ ବିଭିନ୍ନ ଗ୍ରାମ ଦେଇ ଆସିବା ସମୟରେ ହଜାର ହଜାର ଶ୍ରଦ୍ଧାଳୁ ସେମାନଙ୍କ ମାନସିକ ପୂରଣ ପାଇଁ ପୂଜା ସହ ବଳି ଦେବେ ବୋଲି ଦେବୀ ପ୍ରକାଶ କରି ଯାତ୍ରାର ଚତୁର୍ଥ ଦିବସ ମଧ୍ୟରାତ୍ରରେ ବିଦାୟ ନେବାକୁ କହିଥିଲେ।

